AADHAAR

ଟ୍ରେନିଙ୍ଗ୍ ମଡ୍ୟୁଲ୍ ୧

# UIDAI ଓ ଆଧାରର ମୌଳିକ ଜ୍ଞାନ

**UIDAI**

ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ

# ମୁଖବନ୍ଧ

ଏହି ଟ୍ରେନିଙ୍ଗ୍ ମାନୁଆଲ୍, ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (UIDAI)ର ପରିଚୟ ପ୍ରଦାନ କରେ |

ଏହି ମଡ୍ୟୁଲ୍ ର ଉଦ୍ଦେଶ୍ୟ ହେଉଛି ସମସ୍ତ ପାଠକମାନଙ୍କୁ UIDAI ଓ ଆଧାର ଉପରେ ମୌଳିକ ଜ୍ଞାନ ପ୍ରଦାନ କରିବା | ପରିଚୟ ସମ୍ପର୍କିତ ପ୍ରସଙ୍ଗ ଓ ସରକାରଙ୍କ ପକ୍ଷରୁ ଆଧାର ନାମକ ଏକ ସମାଧାନର ମୁଖ୍ୟ ଅବଧାରଣା (Concept)ରୁ ଏହି ମାନୁଆଲ୍ ଆରମ୍ଭ ହୋଇଛି | ଏହି ମ୍ୟାଟେରିଆଲ୍ ର ଏକ ପ୍ରମୁଖ ଭାଗ UIDAIର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଚାରିପଟେ ବୁଲିଛି | ଏହି ମାନୁଆଲ୍ ର ପରବର୍ତ୍ତୀ ଭାଗ UIDAI ଇକୋ-ସିଷ୍ଟମ୍ କୁ କଭର୍ କରିଥିବାବେଳେ ଏହି ପୁସ୍ତକର ଶେଷ ଭାଗରେ ସମସ୍ତଙ୍କ ପାଇଁ ଆଧାରର ଲାଭଗୁଡିକ ବିଷୟରେ ସୂଚନା ରହିଛି | ଏହି ସାମଗ୍ରୀ, ଜଣଙ୍କ ପରିଚୟର ଅଦ୍ବିତୀୟତା ବା ବିଶିଷ୍ଟତା ସହିତ ସମ୍ପର୍କିତ ପ୍ରସଙ୍ଗର ଗହନ ତଥା ବିଶଦ ବର୍ଣ୍ଣନା କରିଛି | ଏଥିରେ, ସମ୍ପର୍କିତ ଉଦାହରଣ ଓ ପ୍ରକୃତ ଜୀବନ ପରିସ୍ଥିତି ରହିଛି |

**ଟାର୍ଗେଟ୍ (ଲକ୍ଷିତ) ଅଡିଆନ୍ସ**

- ନାମାଙ୍କନ ଅପରେଟର୍ସ
- ନାମାଙ୍କନ ଏଜେନ୍ସୀ ସୁପର୍ଭାଇଜର୍ସ
- ରେଜିଷ୍ଟ୍ରାର୍ ଙ୍କ ସୁପର୍ଭାଇଜର୍ସ
- ଇଣ୍ଟ୍ରୋଡ୍ୟୁସର୍ସ (ପରିଚୟକର୍ତ୍ତା)
- ଯାନ୍ତ୍ରିକ ସହାୟତା କର୍ମଚାରୀ
- UIDAI ଓ ଆଧାର ବିଷୟରେ ଜାଣିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି

**ନିର୍ଭରଶୀଳ କିମ୍ବା ସମ୍ପର୍କିତ ମଡ୍ୟୁଲ୍**

ଏହି ମାନୁଆଲ୍ ପଢ଼ିବା ପାଇଁ, UIDAI ଓ ଆଧାର ଉପରେ ପୂର୍ବରୁ ଜ୍ଞାନ ଥିବା ଆବଶ୍ୟକ ନାହିଁ | ଆଧାର ଉପରେ ତାଲିମ କାର୍ଯ୍ୟକ୍ରମର ଏହା ହେଉଛି ପ୍ରଥମ ମଡ୍ୟୁଲ୍ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ସାଧାରଣ ଅଟେ | ଏହି ମଡ୍ୟୁଲ୍, ଅଂଶଗ୍ରହଣକାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯାଉ ବୋଲି ପରବର୍ତ୍ତୀ ସମସ୍ତ ମଡ୍ୟୁଲ୍ ଆଶା କରନ୍ତି |

# ସୂଚୀପତ୍ର


ଉଦ୍ଦେଶ୍ୟ ........ 1

ଆପଣ ବିଶିଷ୍ଟ ଅଟନ୍ତି ........ 1

ପ୍ରଶ୍ନୋତ୍ତର ........ 3

ଆପଣଙ୍କର ଏକ ବିଶେଷ ପରିଚୟ ଅଛି ବୋଲି ପ୍ରମାଣିତ କରିବାର ଲାଭ ........ 3

ନିଜ ପରିଚୟ ପ୍ରମାଣିତ କରନ୍ତୁ! ........ 3

‘ପରିଚୟ’ର ଯାଞ୍ଚ ........ 5

ସରକାରଙ୍କ ପକ୍ଷରୁ ଏକ ସମାଧାନ - ଆଧାର ........ 7

ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (UIDAI) ........ 8

UIDAIର ଲକ୍ଷ୍ୟ ଓ ମିଶନ୍ ........ 9

UIDAI ଇକୋ-ସିଷ୍ଟମ୍ ........ 12

ପଶ୍ନୋତ୍ତର ........ 14

ସମସ୍ତଙ୍କ ପାଇଁ ଆଧାରର ଲାଭ ........ 14

ପ୍ରଚାର-ପ୍ରସାର – ସଚେତନତା ଓ ଯୋଗାଯୋଗ ଗଠନ ........ 15

ସଂକେତାକ୍ଷର / ପ୍ରଥମାକ୍ଷର ........ 18

## ଉଦ୍ଦେଶ୍ୟ

ଏହି ମଡ୍ୟୁଲ୍ ରେ ଆପଣ ଶିଖିବେ

- UID (ବିଶିଷ୍ଟ ପରିଚୟ) ସଂଖ୍ୟା/ଆଧାର କ'ଣ
- ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (UIDAI)ର ଲକ୍ଷ୍ୟ

## ଆପଣ ବିଶିଷ୍ଟ ଅଟନ୍ତି

ଯେତେବେଳେ ଆପଣ ଜନ୍ମ ନିଅନ୍ତି, ସମଗ୍ର ଭାରତ ବର୍ଷରେ ଜନ୍ମ ନେଇଥିବା ଅନେକ ପିଲାଙ୍କ ପରି ଦେଖାଯାଇଥା'ନ୍ତି | କିଛି ମାସ ପରେ ଆପଣଙ୍କ ମାତା-ପିତା ଆପଣଙ୍କୁ ଗୋଟିଏ ନାମ ଦିଅନ୍ତି | ସେହି ନାମ ଆପଣଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରେ |



ହେଲେ, ତାହା ପର୍ଯ୍ୟାପ୍ତ ନୁହେଁ | ଅନ୍ୟ କେଉଁ ଜିନିଷ, ଯାହା ଆପଣଙ୍କୁ ଚିହ୍ନଟ କରେ ଓ ଆପଣଙ୍କୁ 'ବିଶିଷ୍ଟ ବା ଅଦିତୀୟ' କରେ, ଅର୍ଥାତ୍ ଯାହା ଆପଣଙ୍କୁ ଭିନ୍ନ କରେ?

- ନାମ
- ଜନ୍ମ ସ୍ଥାନ
- ଜନ୍ମ ତାରିଖ
- ଲିଙ୍ଗ
- ପିତା/ସ୍ୱାମୀ/ମାତା/ସ୍ତ୍ରୀ/ଅବିଭାବକଙ୍କ ନାମ
- ପଢ଼ିଥିବା ସ୍କୁଲ୍/କଲେଜ୍
- ଠିକଣା


ଉପରୋକ୍ତ ସମସ୍ତ ତଥ୍ୟ, ବିଭିନ୍ନ ପ୍ରକାରର ଦସ୍ତାବିଜ ସହିତ ଯାଞ୍ଚ କରାଯାଇପାରିବ, ଯେପରି:

- ଜନ୍ମ ପ୍ରମାଣପତ୍ର
- ସ୍କୁଲ୍ ଲିଭିଙ୍ଗ୍ ସର୍ଟିଫିକେଟ୍
- ରାଶନ୍ କାର୍ଡ
- ଡ୍ରାଇଭିଙ୍ଗ୍ ଲାଇସେନ୍ସ ଆଦି
-

ମାତ୍ର, ଏହିଗୁଡ଼ିକ ମଧ୍ୟରୁ କେଉଁଟି ହେଲେବି ସମ୍ପୂର୍ଣ୍ଣ ନୁହେଁ | ଅନେକ ପରିସ୍ଥିତିରେ ଏହା କଷ୍ଟକର ହୋଇଯାଏ


- ଆପଣଙ୍କ ପାଇଁ **ନିଜର ପରିଚୟ ପ୍ରତିପାଦନ କରିବା ନିମନ୍ତେ**
- **ଆପଣଙ୍କ ପରିଚୟ ଯାଞ୍ଚ** କରିବା ପାଇଁ ଅନ୍ୟ ଲୋକ କିମ୍ବା ଏଜେନ୍ସୀ ନିମନ୍ତେ

ଆଜି, ଯାନ୍ତ୍ରିକ କୌଶଳ, ଅନ୍ୟମାନଙ୍କଠାରୁ ଆମ ପ୍ରତ୍ୟେକଙ୍କୁ ଭିନ୍ନ କରିବାକୁ କିଛି ଶାରୀରିକ ବୈଶିଷ୍ଟ୍ୟତା ରେକର୍ଡ କରିବାରେ ସାହାଯ୍ୟ କରୁଛି |



ଚିତ୍ର **1:** ଆଙ୍ଗୁଠି ଛାପ

ଆଙ୍ଗୁଠି ଛାପ (ଫିଙ୍ଗର୍ ପ୍ରିଣ୍ଟ) – ଆମ ଆଙ୍ଗୁଠିଗୁଡିକର ଗାର ବିଶିଷ୍ଟ ଅଟେ ଏବଂ ତାହାର ଫୋଟୋଗ୍ରାଫ୍ ନେଇହେବ ଓ ଭବିଷ୍ୟତ ରେଫରେନ୍ସ ପାଇଁ ଷ୍ଟୋର୍ କରିହେବ | ଆମର ନ୍ୟାୟ ପ୍ରଣାଳୀ (କୋର୍ଟ) ଓ ଆର୍ଥିକ ଅନୁଷ୍ଠାନ (ବ୍ୟାଙ୍କ୍)ଗୁଡ଼ିକ ସମେତ ବିଭିନ୍ନ ଏଜେନ୍ସୀ ଦ୍ୱାରା ପରିଚୟର ଏହି ରୂପ ଗ୍ରହଣୀୟ ଅଟେ |



**ଚିତ୍ର 2: ଆଖିର ପୁତଳି**

**ମୁହଁର ଫୋଟୋଗ୍ରାଫ୍– ଆମକୁ ଚିହ୍ନଟ କରିବା ପାଇଁ ଆମ ମୁହଁର ଫୋଟୋଗ୍ରାଫ୍ ହେଉଛି** ଏକ ମାଧ୍ୟମ, **ଯାହା ସାଧାରଣତଃ ବ୍ୟବହୃତ** ହୋଇଥାଏ | **ମୁହଁର ଚିହ୍ନଟ ହେଉଛି ଏକ ପ୍ରଣାଳୀ, ଯାହାଦ୍ୱାରା, ଏକ ଫୋଟୋଗ୍ରାଫ୍ କିମ୍ବା ଏକ ଭିଡିଓ ଫିଲ୍ମରୁ ଜଣେ ବ୍ୟକ୍ତିକୁ ଚିହ୍ନଟ କରିବା ପାଇଁ ମୁହଁର ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ବ୍ୟବହାର କରାଯାଇପାରେ | ଆଙ୍ଗୁଠି ଛାପ ପରି ଜଣଙ୍କର ମୁହଁର ବୈଶିଷ୍ଟ୍ୟଗୁଡ଼ିକର ତଥ୍ୟ କାଢି ଷ୍ଟୋର୍ କରାଯାଇପାରିବ |**

**ଆଖିର ପୁତଳି (ଆଇରିସ୍) – ଏହା ହେଉଛି ଆଖିର ବିଭାଗଗୁଡ଼ିକ** ମଧ୍ୟରୁ ଅନ୍ୟତମ, **ଯେଉଁଥିରେ,** ଆଙ୍ଗୁଠି **ଛାପ ପରି ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ବିଶେଷ ବା ଅଦ୍ୱିତୀୟ ଗଠନ ରହିଛି | ଆଜି, ଫୋଟୋଗ୍ରାଫ୍ ପରି ଜଣେ ଲୋକର ଆଖି ପୁତଳିର ବିବରଣୀ କ୍ୟାପଚର୍ କରି ଷ୍ଟୋର୍ କରିବା ସମ୍ଭବ ଅଟେ |**

ସଠିକ୍ ଭାବରେ ଜଣେ ଲୋକକୁ ଚିହ୍ନଟ କରିବା ପାଇଁ ଜନ୍ମ ପ୍ରମାଣପତ୍ର, ରାଶନ୍ କାର୍ଡ ଆଦି ପରି ଦସ୍ତାବିଜ ସହିତ ଉପରୋକ୍ତ ମଧ୍ୟରୁ କିଛି କିମ୍ବା ସବୁଗୁଡ଼ିକ ବ୍ୟବହାର କରାଯାଇପାରେ |

**ନୋଟ୍: ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ସୂଚନା**

ଜଣେ ବ୍ୟକ୍ତି ସହିତ ସମ୍ପର୍କିତ ସୂଚନା, ଯାହା କାର୍ଯ୍ୟାଳୟ ରେକର୍ଡରୁ ପ୍ରାପ୍ତ କରିହେବ, ଯେପରି ନାମ, ଠିକଣା, ଜନ୍ମ ତାରିଖ ଆଦିକୁ **'ଡେମୋଗ୍ରାଫିକ୍ ବା ଜନସାଂଖ୍ୟିକୀୟ'** ସୂଚନା କୁହାଯାଏ | ଏହା, ଜାତୀୟତା, ବୟସ, ଶିକ୍ଷା, ନିଯୁକ୍ତି ସ୍ଥିତି ଇତ୍ୟାଦି ସହିତ ସମ୍ପର୍କିତ ସୂଚନା

ଅଟେ | ବିଶେଷତଃ, ପାସପୋର୍ଟ, ରାଶନ୍ କାର୍ଡ, ସ୍କୁଲ୍ ଆଡମିଶନ୍ ଆଦି ପାଇଁ ଫର୍ମ ପୂରଣ କରିବା ସମୟରେ ଜନସାଂଖ୍ୟିକୀୟ ସୂଚନା ସଂଗ୍ରହ କରାଯାଇଥାଏ |

ବାୟୋମେଟ୍ରିକ୍ ତଥ୍ୟ, ଆମର ଶରୀର ଓ ତାହାର ଅଙ୍ଗ ସମ୍ପର୍କିତ ଅଟେ | ଶାରୀରିକ ବୈଶିଷ୍ଟ୍ୟ, ଯେପରି ଆଖି ପୁତଳି, ଆଙ୍ଗୁଠି ଚିହ୍ନ, ମୁହଁ ଆଦି ସମ୍ପର୍କିତ ସୂଚନାକୁ **'ବାୟୋମେଟ୍ରିକ୍'** ତଥ୍ୟ କୁହାଯାଏ |

## ପ୍ରଶ୍ନୋତ୍ତର

1. "ଅଦ୍ୱିତୀୟ"ର ଅର୍ଥ କ'ଣ?
2. ଆଇରିସ୍ ଆପଣଙ୍କ ଶରୀରର କେଉଁ ସ୍ଥାନରେ ଥାଏ?
3. "ଡେମୋଗ୍ରାଫିକ" ଶବ୍ଦର ଅର୍ଥ କ'ଣ?
4. "ବାୟୋମେଟ୍ରିକ୍" ଶବ୍ଦର ଅର୍ଥ କ'ଣ?


## ଆପଣଙ୍କର ଏକ ବିଶେଷ ପରିଚୟ ଅଛି ବୋଲି ପ୍ରମାଣିତ କରିବାର ଲାଭ

ଯଦି ଆମେ ସମସ୍ତେ ସମାନ ଦେଖାଯିବା ଓ ଆମ ସମସ୍ତଙ୍କର ନାମ ସମାନ ରହିବ, ତେବେ କ'ଣ ହେବ ବୋଲି ଆପଣ ଭାବୁଛନ୍ତି? ବିଶୃଙ୍ଖଳା/ବିଭ୍ରାଟ! ଯଦି ଆପଣ, ନିଜର ପରିଚୟ ପ୍ରମାଣିତ କରିବାକୁ ସମର୍ଥ ହେବେ, ତେବେ କେଉଁ ଲାଭମାନ ଆପଣ ପାଇବେ

- ଆପଣ ଏକ ବ୍ୟାଙ୍କ୍ ଆକାଉଣ୍ଟ୍ ରଖିପାରିବେ, ଯାହାକୁ ଆଉ କେହି ଅପରେଟ୍ କରିପାରିବ ନାହିଁ | ଏହାର ଅର୍ଥ ହେଉଛି, ବ୍ୟାଙ୍କ୍ ରେ ଥିବା ଆପଣଙ୍କ ଟଙ୍କାକୁ, ଆପଣଙ୍କ ବ୍ୟତୀତ ଆଉ କେହି ଆହରଣ କରିପାରିବେ ନାହିଁ |
- ଆପଣ ଏକ ଲ୍ୟାଣ୍ଡ ଲାଇନ୍ କିମ୍ବା ମୋବାଇଲ୍ ଫୋନ୍ କନେକ୍ସନ୍ ନେଇପାରିବେ |
- ଆପଣ ଏକ ଘର, ଦୋକାନ କିମ୍ବା ବ୍ୟବସାୟର ମାଲିକ ହୋଇପାରିବେ ଓ ତାହାକୁ ଆପଣଙ୍କଠାରୁ କେହି ନେଇପାରିବ ନାହିଁ |
- ଯଦି ଆପଣ ସୀମିତ କିମ୍ବା ବଞ୍ଚିତ ଅଟନ୍ତି, ତେବେ ସରକାର ଆପଣଙ୍କୁ ରିଆତିଯୁକ୍ତ ଖାଦ୍ୟ ରାଶନ୍ ଓ ସେହିପରି ସମାନ ଲାଭମାନ ପ୍ରଦାନ କରି ସାହାଯ୍ୟ କରିପାରିବେ, ଯେଉଁଥିପାଇଁ ଆପଣ ଯୋଗ୍ୟ ଅଟନ୍ତି |

ନିଜର ବିଶିଷ୍ଟ ପରିଚୟ ପ୍ରମାଣିତ କରିବାରେ ସକ୍ଷମ ହେଲେ ଆପଣଙ୍କୁ ଅନ୍ୟ ଲାଭମାନ ମିଳିପାରିବ କି?

## ନିଜ ପରିଚୟ ପ୍ରମାଣିତ କରନ୍ତୁ!



**କେସ୍ 1:** ମୋଟର୍ ସାଇକଲ୍ ମେକାନିକ୍ ସୁନିଲ୍ କୁମାର, ଯିଏ ଅନ୍ୟ ରାଜ୍ୟରୁ ଆସିଥିଲେ, ଗୋଟିଏ ରାଷ୍ଟ୍ରୀୟକୃତ ବ୍ୟାଙ୍କ୍ ରେ ସଞ୍ଚୟ ଖାତା (ସେଭିଙ୍ଗ୍ସ ଆକାଉଣ୍ଟ୍) ଖୋଲିବାକୁ ଚାହିଁଲେ | ବ୍ୟାଙ୍କ୍ ତାଙ୍କୁ, ଖାତା ଖୋଲିବା ଫର୍ମ ସହିତ ନିଜ ପରିଚୟ ପ୍ରମାଣ ଓ ଠିକଣା ପ୍ରମାଣ ଦାଖଲ କରିବାକୁ କହିଲା | ସୁନିଲ୍ କୁମାରଙ୍କ ପାଖରେ କୌଣସି ପରିଚୟ ପ୍ରମାଣପତ୍ର ନଥିଲା ଏବଂ ପରିଶେଷରେ ବ୍ୟାଙ୍କ୍, ଖାତା ଖୋଲିବାକୁ ମନାକରିଦେଲା | ଏବେ ସୁନିଲ୍ କୁମାର, ଆୟ କରୁଥିବା ପଇସାଗୁଡ଼ିକୁ ନିଜ ପାଖରେ କିମ୍ବା ନିଜ ଘରେ ରଖୁଛନ୍ତି ଏବଂ ସର୍ବଦା ଭୟଭୀତ ରହୁଛନ୍ତି ଯେ, ତାଙ୍କ ପଇସା କାଳେ ଚୋରି ହୋଇଯିବ କିମ୍ବା କେଉଁଠି ହଜିଯିବ |

ବ୍ୟାଙ୍କ ଖାତା ନଥିବା କାରଣରୁ ସେ, ସରକାରୀ ଯୋଜନାଗୁଡ଼ିକ ଅନ୍ତର୍ଗତ, ଯେଉଁଥିପାଇଁ ସେ ଯୋଗ୍ୟ ଅଟନ୍ତି, ଋଣ ପ୍ରାପ୍ତ ମଧ୍ୟ କରିପାରୁନାହାଁନ୍ତି | ଏହା ବିପରୀତେ ସେ, ରାସ୍ତା କଡ଼ରେ ଏକ ମୋଟର୍ ସାଇକଲ୍ ମରାମତି ଦୋକାନ କରିଛନ୍ତି |

**କେସ୍ 2:** ଏ.ଆର୍. ବିଜୟ ଓ ବିଜୟ ଆର୍., ରାଜ୍ୟ ସରକାରଙ୍କ ବସ୍ତି ପୁନର୍ବାସ ଯୋଜନା ଅନ୍ତର୍ଗତ ପୁନର୍ଗଠିତ ହୋଇଥିବା ଏକ ଛୋଟ ସହରରେ ରହୁଛନ୍ତି | ସେମାନେ ଉଭୟ, ପ୍ରତ୍ୟେକ ଗୋଟିଏ ଲେଖାଏଁ ବାସଗୃହ ପାଇବା ପାଇଁ ଯୋଗ୍ୟ ଅଟନ୍ତି | ଏହି ଯୋଜନା ଅନ୍ତର୍ଗତ ନିଜର ଯୋଗ୍ୟତା ପ୍ରତିପାଦିତ କରିବା ପାଇଁ ଏ.ଆର୍. ବିଜୟଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥିଲା | ହେଲେ ଦୁର୍ଭାଗ୍ୟବଶତଃ, ବିଜୟ ଆର୍.ଙ୍କ ପାଖରେ ନିଜର ପରିଚୟ ପ୍ରମାଣିତ କରିବା ପାଇଁ କୌଣସି ଆବଶ୍ୟକ କାଗଜପତ୍ର ନଥିଲା | ଏବେ ବିଜୟ ଆର୍. ବାସହୀନ ଓ ନିଜ ପରିବାର ସହ ଫୁଟପାଥ୍ ରେ ରହିବାକୁ ବାଧ୍ୟ ହେଉଛନ୍ତି | ତାଙ୍କ ଘର, ଯୋଗ୍ୟ ବାସିନ୍ଦା କିମ୍ବା ସମ୍ପୂର୍ଣ୍ଣ ଭାବେ ପୈଠ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ହାଉସିଙ୍ଗ୍ ଯୋଜନା ପରିବର୍ତ୍ତିତ ହୋଇଛି |






କେସ୍ 3: 66 ବର୍ଷ ବୟସ୍କା ମହିଳା ନୀତା, ଦାରିଦ୍ର୍ୟ ସୀମାରେଖା ତଳ (BPL) ବର୍ଗରେ ଆସନ୍ତି | BPL ଲୋକମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାମାନ ରହିଛି | ଏହିପରି ବଞ୍ଚିତ ଲୋକମାନଙ୍କୁ ଏହିସବୁ ଯୋଜନାମାନ ରାଶନ୍, ବାର୍ଦ୍ଧକ୍ୟ ଭତ୍ତା ଆଦି ପ୍ରଦାନ କରିଥାଏ | ହେଲେ ନୀତା, ନିଜର କୌଣସି ଚିହ୍ନଟ ଦସ୍ତାବିଜ ନଥିବା କାରଣରୁ କୌଣସି ସରକାର ଯୋଜନାଗୁଡ଼ିକରୁ ଲାଭ ପ୍ରାପ୍ତ କରିବାକୁ ସକ୍ଷମ ନୁହଁନ୍ତି |

**ଉପରୋକ୍ତ ତିନୋଟି ମାମଲା ବା କେସ୍ କୁ ଯଦି ଆପଣ ବିଚାର କରନ୍ତି, ତେବେ ଆପଣ ଦେଖିବାକୁ ପାଇବେ ଯେ, ତିନୋଟିଯାକରେ ଗୋଟିଏ ସାଧାରଣ ସମସ୍ୟା ରହିଛି, ଯାହା ହେଉଛି ଉପଯୁକ୍ତ ପରିଚୟ ପ୍ରମାଣର ଅଭାବ ଓ ପରିଚୟର ଅନୁପଯୁକ୍ତ ପ୍ରତିପାଦନ ଏବଂ ଯେଉଁଥିରୁ ଜଣେ ନିଜର ବିଶିଷ୍ଟତା ପ୍ରମାଣିତ କରିବାକୁ ଅସମର୍ଥ ହୋଇଥା'ନ୍ତି | ଏହା ବୁଝିବା ନିହାତି ଜରୁରୀ ଯେ, ଜଣଙ୍କର କେବଳମାତ୍ର ପରିଚୟ ପ୍ରମାଣିତ କରିଦେବା ବ୍ୟାଙ୍କ୍ ଆକାଉଣ୍ଟ୍, ଘର କିମ୍ବା ଖାଦ୍ୟ ରାଶନ ପ୍ରତିବଦ୍ଧତା ପାଇଁ ପର୍ଯ୍ୟାପ୍ତ ନୁହେଁ | ମାତ୍ର, ସରକାରଙ୍କୁ ସୀମିତ ଓ ବଞ୍ଚିତ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସକ୍ଷମ କରିବାକୁ, ପ୍ରତ୍ୟେକ ଜଣଙ୍କୁ ପରିଚୟ ପ୍ରମାଣିତ କରିବା ଅତ୍ୟାବଶ୍ୟକ ଅଟେ |**

## 'ପରିଚୟ'ର ଯାଞ୍ଚ

### ପରିଚୟ ଯାଞ୍ଚ

ଦସ୍ତାବିଜ ଥିଲେ ଜଣେ ଲୋକ ପରିଚୟ ସ୍ଥାପିତ କରିପାରେ, ମାତ୍ର ସେବା ପ୍ରଦାନ କରୁଥିବା ଏକ ଅନୁଷ୍ଠାନ, ଏହିପରି ଦସ୍ତାବିଜଗୁଡ଼ିକୁ କିପରି ଯାଞ୍ଚ କରେ ଓ କିପରି ଏହା ସୁନିଶ୍ଚିତ କରେ ଯେ, କାଗଜପତ୍ରଗୁଡ଼ିକ ପ୍ରକୃତରେ ସେହି ଲୋକର, ଯିଏ ସେଗୁଡ଼ିକ ଦେଇଛି?

ବିସ୍ତୃତ ଆକାର ଓ ନିୟମିତ ଭିତ୍ତିରେ ପରିଚୟ ଯାଞ୍ଚ କରିବା, ଦସ୍ତାବିଜ ଯାଞ୍ଚ କରିବାର ବ୍ୟାବହାରିକ ମାର୍ଗ ନହୋଇପାରେ | ଉଦାହରଣସ୍ୱରୂପ, ଗୋଟିଏ ବ୍ୟାଙ୍କ୍ ର ଗ୍ରାହକ କିମ୍ବା ଏକ ବିଶାଳ ଅନୁଷ୍ଠାନର କର୍ମଚାରୀମାନେ |

ଏହାକୁ ସୁନିଶ୍ଚିତ କରିବାର ଗୋଟିଏ ମାର୍ଗ ହେଉଛି, ସେହି ବ୍ୟକ୍ତିର ଫୋଟୋ ଲାଗିଥିବା ଗୋଟିଏ ପରିଚୟ ପତ୍ର (Identity Card) ଜାରି କରିବା |

ବ୍ୟାଙ୍କ୍ ଓ ବୀମା କମ୍ପାନୀ ପରି ଅନେକ ଅନୁଷ୍ଠାନଗୁଡ଼ିକ, ପରିଚୟ ଯାଞ୍ଚ କରିବା ପାଇଁ ଦସ୍ତଖତ କିମ୍ବା ଟିପ ଚିହ୍ନ ବ୍ୟବହାର କରିଥା'ନ୍ତି | ଏହା, ଏକ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା ସମୟରେ କିମ୍ବା ଏକ ବୀମା ପଲିସୀ ପାଇଁ ଆବେଦନ କରିବାବେଳେ ସମସ୍ତ ଲୋକମାନଙ୍କର ନମୁନା ଦସ୍ତଖତ କିମ୍ବା ନମୁନା ଟିପ ଚିହ୍ନର ସଂଗ୍ରହ ଆବଶ୍ୟକ କରିଥାଏ |

ବର୍ତ୍ତମାନ ପରିସ୍ଥିତିରେ, ଜଣେ ଲୋକର ପରିଚୟର ପ୍ରାରମ୍ଭିକ ଯାଞ୍ଚ କରିବା ପାଇଁ ରାଶନ୍ କାର୍ଡ/PDS ଫୋଟୋ କାର୍ଡ, ଭୋଟର୍ ପରିଚୟ ପତ୍ର, କିସାନ୍ ଫୋଟୋ ପାସବୁକ୍ ଆଦି ପରି ଦସ୍ତାବିଜର ବ୍ୟବହାର କରାଯାଇପାରେ | ଦୈନନ୍ଦିନ କାର୍ଯ୍ୟ ପାଇଁ ଜଣଙ୍କ ପାଖରେ ନିଶ୍ଚିତ ଭାବେ ଫୋଟୋ ପରିଚୟ କିମ୍ବା ଏକ ଚିହ୍ନଟଯୋଗ୍ୟ ଦସ୍ତଖତ କିମ୍ବା ଟିପ ଚିହ୍ନ ଥିବା ଦରକାର |

**ମାତ୍ର, ଏହିପରି ଦସ୍ତାବିଜ ନଥିବା ଲୋକମାନଙ୍କର କୌଣସି ସମସ୍ୟାର ଏହା ସମାଧାନ କରେନାହିଁ | ତେବେ, ସମାଧାନ କ'ଣ?**

**ନୋଟ୍: ବାସିନ୍ଦା**

ଜଣେ ଭରତୀୟ **ବାସିନ୍ଦା,** ଯିଏ ବର୍ତ୍ତମାନ ଭାରତରେ ରହୁଛି |

### ବାୟୋମେଟ୍ରିକ୍ ସୁନିଶ୍ଚିତତା

କ୍ରେଡିଟ୍ କାର୍ଡ ଜାରି କିମ୍ବା ଋଣ ମଞ୍ଜୁରୀ ପରି ସେବା ପାଇଁ ବାସିନ୍ଦାଙ୍କ ପରିଚୟ ପ୍ରମାଣ ଆବଶ୍ୟକ ହୋଇଥାଏ | ବାସିନ୍ଦାଙ୍କ ପାଇଁ ଏହି ପ୍ରକ୍ରିୟାରେ ରହିଛି, ସେମାନଙ୍କର ପରିଚୟ ପ୍ରମାଣିତ କରୁଥିବା ଫୋଟୋଗ୍ରାଫ୍ ଓ ଅନ୍ୟାନ୍ୟ ଦସ୍ତାବିଜର ଦାଖଲ |

ସରକାରୀ ରେକର୍ଡରେ ଡୁପ୍ଲିକେଟ୍ ନାମ ଓ ଅବିଦ୍ୟମାନ ଲୋକମାନଙ୍କର ନାମ (ଏହିପରି ନାମକୁ 'ଭୂତ' କୁହାଯାଏ) ରହିଥାଏ |

**କେସ୍ 1:** ମାନବ, ରୋହିତର ରାଶନ୍ କାର୍ଡ ଓ ଚେକ୍ ବହି ଚୋରି କଲା (ଏହାକୁ ପରିଚୟ ଚୋରି କୁହାଯାଏ) ଏବଂ ନିଜକୁ ରୋହିତ ବୋଲି ମିଥ୍ୟା ପରିଚୟ ଦେଲା (ଏହାକୁ ପରରୂପ ଧାରଣ କୁହାଯାଏ) | ଏକ କିସ୍ତି ଯୋଜନାରେ ଗୋଟିଏ ଟେଲିଭିଜନ୍ କିଣିବା ପାଇଁ ମାନବ, ଚୋରି କରିଥିବା ରାଶନ୍ କାର୍ଡକୁ ଠିକଣା ପ୍ରମାଣ ଭାବରେ ବ୍ୟବହାର କଲା | ଯେତେବେଳେ ଚେକ୍ ବାଉନ୍ସ କଲା, ଟେଲିଭିଜନ୍ ବିକ୍ରେତା, ବାକି ଟଙ୍କା ସଂଗ୍ରହ କରିବା ପାଇଁ ଦିଆଯାଇଥିବା ଠିକଣାକୁ ଗଲା | ସିଏ ଏହି କ୍ରୟ କରିନାହିଁ ବୋଲି ଦୋକାନୀକୁ ବୁଝାଇବାକୁ ଯାଇ ରୋହିତ, ଅନେକ କଷ୍ଟ ଭୋଗିଲା |

**କେସ୍ 2:** ଗୋଟିଏ ଛାତ ତଳେ ରହୁଥିବା ଏକାପରି ଦେଖାଯାଉଥିବା ଯାଆଁଳା ଭାଇଙ୍କ ମଧ୍ୟରେ ଆପଣ କିପରି ଭାବରେ ବିଶେଷ ଚିହ୍ନଟ କରିପାରିବେ ?

ଆପଣ ଯେପରି ଦେଖିପାରୁଛନ୍ତି, ଜଣେ ବ୍ୟକ୍ତିବିଶେଷର ବିଶିଷ୍ଟତା ଯାଞ୍ଚ କରିବା ପ୍ରକ୍ରିୟା ସରଳ ନୁହେଁ | କୌଣସି ଏକକ ମାନଦଣ୍ଡ ବିଶିଷ୍ଟ ଭାବରେ ଜଣେ ଲୋକକୁ ଚିହ୍ନଟ କରିପାରିବ ନାହିଁ | **ତେଣୁ, ଆମେ ଦେଖିବାକୁ ପାଉ ଯେ, ଯାଞ୍ଚର ବିଭିନ୍ନ ସ୍ତର ରହିଛି, ଯେଉଁଥିରେ ଆପଣଙ୍କୁ, ସରକାରୀ ଓ ଘରୋଇ ଏଜେନ୍ସିଗୁଡ଼ିକରୁ ସେବା ପ୍ରାପ୍ତ କରିବା ପାଇଁ ଯୋଗ୍ୟ ହେବାକୁ ପଡ଼ିବ | ବହୁବିଧ ମାର୍ଗରେ ନିଜକୁ ଯାଞ୍ଚ କରାଇବାର ଅର୍ଥ ହେଉଛି ଅନେକ ଅର୍ଥ, ସମୟ ଓ ପ୍ରୟାସର ଖର୍ଚ୍ଚ |**

**ଜଣେ ବ୍ୟକ୍ତିର ପରିଚୟ ଯାଞ୍ଚ ସମସ୍ୟାର ଅତ୍ୟୁତ୍ତମ ସମାଧାନ ହେଉଛି ବାୟୋମେଟ୍ରିକ୍ ଯାଞ୍ଚ |**




ଚିତ୍ର **3:** ପରିଚୟ ଦସ୍ତାବିଜ ପ୍ରଦାନ କରି ଗୋଟିଏ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବା

## ସରକାରଙ୍କ ପକ୍ଷରୁ ଏକ ସମାଧାନ - ଆଧାର

ଭାରତୀୟ ବାସିନ୍ଦାମାନଙ୍କ ପାଇଁ ଚିହ୍ନଟର ଏକ ବିଶେଷ ବା ଅଦ୍ୱିତୀୟ ରୂପ ରଖିବାର ଆଇଡିଆ ଭାରତୀୟ ସରକାର ଗ୍ରହଣ କରିଥିଲେ | ଏହା, ଜଣେ ବ୍ୟକ୍ତିବିଶେଷର **ପରିସାଂଖ୍ୟିକୀୟ** ଓ **ବାୟୋମେଟ୍ରିକ୍** ତଥ୍ୟ ସହିତ ସମ୍ପର୍କିତ ଗୋଟିଏ ବିଶେଷ ସଂଖ୍ୟା ଉପରେ ସେହି ବ୍ୟକ୍ତିର ପରିଚୟ ଆଧାରିତ ହେବ | ଏହି ବିଶେଷ ସଂଖ୍ୟାର ବୈଶିଷ୍ଟ୍ୟ ନିମ୍ନାନୁସାରେ ହେବ:

- ପ୍ରତ୍ୟେକ ଭାରତୀୟ ବାସିନ୍ଦାଙ୍କ ପାଇଁ ଯାଦୃଚ୍ଛିକ ଭାବେ ଜେନେରେଟ୍ କରାଯାଇଥିବା ଏହା ଏକ ବାର (୧୨) ଅଙ୍କ ବିଶିଷ୍ଟ ସଂଖ୍ୟା ହେବ | ଉଦାହରଣସ୍ୱରୂପ: 2653 8564 4663. ଏହାକୁ ବିଶିଷ୍ଟ ପରିଚୟ (UID) ସଂଖ୍ୟା ବା ଆଧାର ସଂଖ୍ୟା କୁହାଯିବ |
- ସଂଖ୍ୟାଟି ବିଶିଷ୍ଟ ରହିବ, ଯାହାର ଅର୍ଥ ହେଉଛି, ଦୁଇଜଣ ବାସିନ୍ଦାଙ୍କର ଗୋଟିଏ ସଂଖ୍ୟା ରହିପାରିବ ନାହିଁ |
- କୌଣସି ବାସିନ୍ଦା ଦୁଇଟି ସଂଖ୍ୟା ରଖିପାରିବେ ନାହିଁ, କାରଣ ଆଧାର କେବଳ ନାମ, ଠିକଣା, ବୟସ ପରି ସାଧାରଣ ସୂଚନା ଉପରେ ଆଧାରିତ ହୋଇନଥାଏ, ବରଂ ବାୟୋମେଟ୍ରିକ୍ ସୂଚନା ଉପରେ ମଧ୍ୟ ଆଧାରିତ, ଯାହା ପ୍ରତ୍ୟେକ ଲୋକ ପାଇଁ ବିଶିଷ୍ଟ ବା ଅଦ୍ୱିତୀୟ ଅଟେ |
- ଠକେଇ ଏଡ଼ାଇବା ପାଇଁ, ଆଧାର ସଂଖ୍ୟାର ମୂଲ୍ୟ ବା ଗଠନ ମଧ୍ୟରେ କୌଣସି ଅତିରିକ୍ତ ସୂଚନା ରହିବ ନାହିଁ | ଏକ ଗୋଟି ଫୋପାଡ଼ିବା ପରି କିମ୍ବା ଏକ ଲଟେରୀ ଉଠାଣର ପରିଣାମ ପରି ଏହାର ଏକ 'ଯାଦୃଚ୍ଛିକ ବା ରାଣ୍ଡମ୍' ସଂଖ୍ୟା ରହିବ |
- ପରିଚୟ ପ୍ରମାଣ କରିବା ପାଇଁ ଆଧାର ବ୍ୟବହୃତ ହେବ, ନାଗରିକତ୍ୱ ପାଇଁ ନୁହେଁ |
- ଆଧାର ସଂଖ୍ୟା ପ୍ରାପ୍ତ କରିବା ଭାରତୀୟ ବାସିନ୍ଦାମାନଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ | ଏହା ସ୍ୱେଚ୍ଛାକୃତ ଅଟେ | ଅବଶ୍ୟ ଭବିଷ୍ୟତରେ, ନିର୍ଦ୍ଦିଷ୍ଟ ସେବାପ୍ରଦାନକାରୀ (ସରକାରୀ କିମ୍ବା ଘରୋଇ ଏଜେନ୍ସୀମାନେ)ମାନେ, ସେମାନଙ୍କର ସେବା ପ୍ରାପ୍ତ କରିବା ପାଇଁ ଆଧାରକୁ ଲୋକମାନଙ୍କ ନିମନ୍ତେ ବାଧ୍ୟତାମୂଳକ କରିପାରନ୍ତି |

ଉଦାହରଣସ୍ୱରୂପ, ଭବିଷ୍ୟତରେ, ସାର୍ବଜନୀନ ବିତରଣ ପ୍ରଣାଳୀ (PDS) ବିଭାଗ, ବ୍ୟକ୍ତିବିଶେଷଙ୍କ ଆଧାର ସଂଖ୍ୟାକୁ ଭିତ୍ତି କରି ରାଶନ୍ କାର୍ଡ ଜାରି କରିପାରନ୍ତି ଏବଂ ଆଧାର ସଂଖ୍ୟା, ରାଶନ୍ କାର୍ଡରେ ଉଲ୍ଲେଖ ରହିବ |

### ନୋଟ୍: ଆଧାର କ'ଣ?

ଅନେକ ଭାରତୀୟ ଭାଷାରେ ଅନୁଦିତ ହୋଇଥିବା ଶବ୍ଦର ଅର୍ଥ ହେଉଛି 'ମୂଳଦୁଆ' | ବିଶିଷ୍ଟ ପରିଚୟ ସଂଖ୍ୟାର ପ୍ରତିନିଧିତ୍ୱ କରିବା ପାଇଁ ଆଧାର ଶବ୍ଦର ଚୟନ କରାଯାଇଛି, ଯାହା ଭାରତୀୟ ନାଗରିକମାନଙ୍କଠାରୁ ସେମାନଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବା ପରେ ପ୍ରଦାନ କରାଯାଇଥିବା 12 ଅଙ୍କ ବିଶିଷ୍ଟ ସଂଖ୍ୟା ଅଟେ |

### ନୋଟ୍: ସାର୍ବଜନୀନ ବିତରଣ ପ୍ରଣାଳୀ (PDS)


ପୁନରାବର୍ତ୍ତୀ ଭିତ୍ତିରେ ଏକ ନେଟୱର୍କ ବା ଆମେ ଜାଣିଥିବା ରାଶନ୍ ଦୋକାନ କିମ୍ବା ସ୍ୱଚ୍ଛ ମୂଲ୍ୟ ଦୋକାନ ମାଧ୍ୟମରେ ଅନେକ ସଂଖ୍ୟକ ଲୋକମାନଙ୍କୁ PDS ଆବଶ୍ୟକ ସାମଗ୍ରୀ, ଯେପରି ଗହମ, ଚାଉଳ, ଚିନି, କିରୋସିନି ଆଦି ବିତରଣ କରିଥାଏ |

## ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ **(UIDAI)**

୧୧୫ ଅଧିକାରୀମାନଙ୍କର ଏକ ପ୍ରାରମ୍ଭିକ ଦଳ ସହିତ ଯୋଜନା ଆୟୁକ୍ତ ଅନ୍ତର୍ଗତ ଏକ ସଂଗ୍ଲନକ କାର୍ଯ୍ୟାଳୟ ଭାବରେ ୨୮ ଜାନୁଆରୀ ୨୦୦୯ରେ ଯୋଜନା ଆୟୁକ୍ତ ଦ୍ୱାରା UIDAI ବିଜ୍ଞାପିତ ହୋଇଥିଲା |

ଏକ କେନ୍ଦ୍ରୀୟ ପରିଚୟ ତଥ୍ୟ ଭଣ୍ଡାର (CIDR), ଯିଏ ଆଧାର ସଂଖ୍ୟା ଜାରୀ କରିବ, ବାସିନ୍ଦାଙ୍କ ତଥ୍ୟ ଅଦ୍ୟତନ କରିବ ଏବଂ ଆବଶ୍ୟକାନୁସାରେ ବାସିନ୍ଦାଙ୍କ ପରିଚୟ ପ୍ରମାଣିକୃତ କରିବ, ପରିଚାଳନା ପାଇଁ UIDAI ନିୟାମକ ଅଧିକାରୀ ହେବ |

ଉପଯୁକ୍ତ ନିୟମ, ପ୍ରୌଦ୍ୟୋଗିକୀ ଓ ମୌଳିକ ଆବଶ୍ୟକତାଗୁଡ଼ିକର ପ୍ରୟୋଗକୁ UIDAI ସୁନିଶ୍ଚିତ କରିବ, ଯେଉଁଥିରୁ ଭାରତର ପ୍ରତ୍ୟେକ ବାସିନ୍ଦା ଆଧାର ଅନ୍ତର୍ଗତ ନାମାଙ୍କିତ ହେବେ |





.

# UIDAIର ଲକ୍ଷ୍ୟ ଓ ମିଶନ୍

UIDAIର ଲକ୍ଷ୍ୟ ଓ ମିଶନ୍ ହେଉଛି:

- UIDAI, ଭାରତୀୟ ବାସିନ୍ଦାମାନଙ୍କୁ ଆଧାର ପ୍ରଦାନ କରିବ, ଯାହା
  - ସହଜ, ଶୀଘ୍ର ଓ ସୁଲଭ ମାର୍ଗରେ ଯାଞ୍ଚ କରାଯାଇପାରିବ
  - ଠକଲି ଓ ମିଥ୍ୟା ପରିଚୟକୁ ଲୋପ କରିବ
- ଦେଶର ସମସ୍ତ ବାସିନ୍ଦାଙ୍କୁ କଭର୍ କରିବା UIDAIର ଉଦ୍ଦେଶ୍ୟ, ମାତ୍ର **ଭାରତର ଗରିବମାନଙ୍କୁ ନାମାଙ୍କିତ କରିବା ଉପରେ ଧ୍ୟାନକେନ୍ଦ୍ରିତ ରହିବ |** ସାଧାରଣତଃ, ଗରିବ ଶ୍ରେଣୀଙ୍କ ପାଖରେ ସେମାନଙ୍କର ପରିଚୟ ପ୍ରମାଣିତ କରିବା ପାଇଁ କୌଣସି ଦସ୍ତାବିଜ ନଥାଏ | ସେମାନଙ୍କୁ କୌଣସି କଠିନତାରେ ନପକାଇ କିମ୍ବା ହଇରାଣ ନକରି ପ୍ରତ୍ୟେକଙ୍କୁ ଆଧାର ପ୍ରଦାନ କରାଯିବ |




**ଚିତ୍ର 4: ଭାରତର ସମସ୍ତ ବାସିନ୍ଦାଙ୍କୁ କଭର୍ କରିବା**

- ଦୀର୍ଘ ସମୟରୁ ଭାରତ ସରକାର ନିଜର ବାସିନ୍ଦାଙ୍କ ବିଷୟରେ ଜନସଂଖ୍ୟା ହିସାବ ସଂଗ୍ରହ କରିଆସୁଛନ୍ତି |

  ଅବଶ୍ୟ, ଭାରତରେ ବିଦ୍ୟମାନ ପରିଚୟ ଡାଟାବେସ୍, ଯେପରି ସାର୍ବଜନୀନ ବିତରଣ ପ୍ରଣାଳୀ (PDS), ଆୟକର, ପେନସନ୍ ଯୋଜନା ଆଦିରେ ଅଧିକାଂଶ ସମୟରେ 'ଭୂତ' ପ୍ରବିଷ୍ଟ ଓ ନକଲି ହେବାର ସମସ୍ୟା ରହିଛି |


  ଉଦାହରଣସ୍ୱରୂପ, 45 ବର୍ଷୀୟ କେ.ଏସ୍.କେ. ଦୁର୍ଗା କିଛି ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ | ଭୁଲବଶତଃ, ଅନ୍ୟ ଜଣେ ୪୩ ବର୍ଷୀୟ କେ. ଦୁର୍ଗା, ସ୍ୱର୍ଗତ କେ.ଏସ୍.କେ. ଦୁର୍ଗା ଭାବରେ ପରିଚୟ ଗ୍ରହଣ କରି ସମସ୍ତ ଲାଭ ପ୍ରାପ୍ତ କରିଥିଲେ, ଯେଉଁଥିପାଇଁ ସେ ଯୋଗ୍ୟ ନଥିଲେ | ଏଭଳି ଠକାମୀକୁ ଆଧାର ରୋକିପାରିବ |

  UIDAI ଡାଟାବେସ୍ କୁ ଏହିପରି ତ୍ରୁଟି ଆସିବାରୁ ରୋକିବା ପାଇଁ, ଭାରତୀୟ ବାସିନ୍ଦାମାନଙ୍କୁ ସେମାନଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟର ସଠିକ୍ ଯାଞ୍ଚ ସହିତ ନିଜର ଡାଟାବେସ୍ ରେ ନାମାଙ୍କିତ କରିବାକୁ UIDAI ଯୋଜନା କରିଛି | କାର୍ଯ୍ୟକ୍ରମ ଆରମ୍ଭରୁ ସଂଗୃହିତ ତଥ୍ୟ ସଠିକ୍ ଅଛି ବୋଲି ଏହା ସୁନିଶ୍ଚିତ କରିବ | ବର୍ତ୍ତମାନ, ଲାଭ ପ୍ରଦାନ କରିବା ପାଇଁ ଜଣେ ଲୋକର ଯାଞ୍ଚ କରିବାକୁ ଯଦି ବାୟୋମେଟ୍ରିକ୍ ଅଥେଣ୍ଟିକେଶନ୍ ର ବ୍ୟବହାର କରାଯାଏ, ତେବେ ସମସ୍ୟାର ସମାଧାନ ହେବ |

**ନୋଟ୍: ଡାଟାବେସ୍**

ସମ୍ପର୍କିତ ସୂଚନାର ସଂଗ୍ରହକୁ ଡାଟାବେସ୍ କୁହାଯାଏ | ଉଦାହରଣସ୍ୱରୂପ, ଶବ୍ଦକୋଷ ହେଉଛି ଏକ ଡାଟାବେସ୍ | ଟେଲିଫୋନ୍ ଡିରେକ୍ଟୋରୀ ମଧ୍ୟ ଡାଟାବେସ୍ ର ଏକ ଉଦାହରଣ ଅଟେ | ଗୋଟିଏ ଡାଟାବେସ୍ କୁ ଏକ କମ୍ପ୍ୟୁଟର୍ ରେ ମଧ୍ୟ ଷ୍ଟୋର୍ କରାଯାଇପାରିବ, ଯେଉଁଥିରୁ ତାକୁ ସହଜରେ ଓ ଶୀଘ୍ର ଆକ୍ସେସ୍ କରିହେବ |

| ନାମ | ଠିକଣା | ବୟସ |
|---|---|---|
| ଏ. ରାୟ | 34 ଏମ୍.ଜି. ରୋଡ୍, ମୁମ୍ବଇ - 54 | 56 |
| ରାୟ ଏ. | ଏସ୍.ଜି. ମାର୍ଗ, ବେଙ୍ଗାଲୋର - 20 | 43 |
| ମୁରଲୀ କେ. | 11 ବି, ପାଟିଲ୍ କଲୋନୀ, କୋଲକାତା-71 | 24 |
| ସମୀର ଜି. | ମୀରା ବଜାର, ଦିଲ୍ଲୀ – 1 | 33 |
| ଆର୍. ପ୍ରସାଦ | 43 ନେତାଜୀ ନଗର, ଚେନ୍ନଇ– 23 | 26 |
| ଡେଭିଡ୍ ଏମ୍. | 11, ପାଲେସ୍ ରୋଡ୍, ମୁମ୍ବଇ– 1 | 76 |
| ଡେଭିଡ୍ ଏମ୍. | ପାଲେସ୍ ରୋଡ୍, ମୁମ୍ବଇ – 1 | 71 |





| ଆଧାର | ନାମ | ଠିକଣା | ବୟସ | ..... |
|---|---|---|---|---|
| 2341 4564 3244 | ଏ. ରାୟ | 34ଏମ୍.ଜି.ରୋଡ୍, ମୁମ୍ବଇ-54 | 56 | ..... |
| 1224 6574 2517 | ପି. ସେନ୍ | 43, ଜି.ଟି ରୋଡ୍, ଗୋଆ - 32 | 34 | ..... |
| 5423 4526 1232 | ମୁରଲୀ କେ. | 11 ବି,ପାଟିଲ୍ କଲୋନୀ, କୋଲକାତା-71 | 24 | ..... |
| 5432 4524 6787 | ସମୀର ଜି. | ମୀରା ବଜାର, ଦିଲ୍ଲୀ – 1 | 33 | ..... |
| 3456 1324 6754 | ଡେଭିଡ୍ ଏମ୍. | 11,ପାଲେସ୍ରୋଡ୍, ମୁମ୍ବଇ-1 | 76 | ..... |
| | | | | |

ଚିତ୍ର 5: ବାୟୋମେଟ୍ରିକ୍ ଉପରେ ଆଧାର କରି ଡି-ଡୁପ୍ଲିକେଶନ୍ ପରେ, ଶେଷ ଡାଟାବେସ୍ ରେ ଏକ ଅତିରିକ୍ତ ଆଧାର ସ୍ତମ୍ଭ ରହିଛି

**ଡି-ଡୁପ୍ଲିକେଶନ୍:** ଅମିତ ବି. ମୁମ୍ବଇରେ ଆଧାର ପାଇଁ ଆବେଦନ କରିଥିଲେ ଓ ତାହାକୁ ପ୍ରାପ୍ତ କରିଥିଲେ | କିଛି ବର୍ଷ ପରେ ସେ ମୁମ୍ବଇରୁ କୋଲକାତାକୁ ସ୍ଥାନାନ୍ତର ହୋଇ ପୁନଶ୍ଚ ଆଧାର ପାଇଁ ଆବେଦନ କରିଥିଲେ ଓ ଏଥରକ ଅମିତ ଭାନୋଟ୍ ନାମ ବ୍ୟବହାର କରିଥିଲେ | ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ ଗ୍ରହଣ କରିବା ପରେ CIDR ଡୁପ୍ଲିକେଟ୍ ପାଇଁ ସନ୍ଧାନ ନେଲା | ଯେହେତୁ ଅମିତ ବି.ଙ୍କ ତଥ୍ୟ ଆଗରୁ CIDRରେ ଉପଲବ୍ଧ ଥିଲା, ଏକ ନୂଆ ଆଧାର ଜେନେରେଟ୍ ହେବନାହିଁ ଓ ଅନୁରୋଧ ଅସ୍ୱୀକୃତ ହୋଇଯିବ | ଏହା ସମ୍ଭବ, କାରଣ ଅମିତ ନିଜର ଜନ୍ମ ତାରିଖ ପ୍ରମାଣପତ୍ରର ନକଲ କରିଥାଇପାରନ୍ତି ଏବଂ ଅନେକ ମିଥ୍ୟା ନାମ ଉଲ୍ଲେଖ କରିଥାଇପାରନ୍ତି, ହେଲେ ନିଜର ବାୟୋମେଟ୍ରିକ୍ ତଥ୍ୟକୁ ପରିବର୍ତ୍ତନ କରିପାରିବେ ନାହିଁ, ଯାହା ହେଉଛି ନିଜର ଆଙ୍ଗୁଠି ଚିହ୍ନ ଓ ଆଇରିସ୍ (ଆଖିର ପୁତଳି) | ତେଣୁ, ଯଦି ଜଣେ ଲୋକ ଭୁଲ ନାମରେ ନିଜ ନାମ ପଞ୍ଜିକରଣ କରେ, ସେ ତା' ନାମ ପରିବର୍ତ୍ତନ କରିବାକୁ ସକ୍ଷମ ହେବନାହିଁ, ଯେପର୍ଯ୍ୟନ୍ତ ସେ ତାହାକୁ ଆଇନଗତ ପ୍ରକ୍ରିୟାରେ କରିନାହିଁ |

- UIDAI ପ୍ରମାଣୀକରଣର ଏକ ଦୃଢ଼ ରୂପ (ଇଣ୍ଟର୍ନେଟ୍, ମୋବାଇଲ୍ ଫୋନ୍, ଟେଲିଫୋନ୍) ପ୍ରଦାନ କରିବ, ଯେଉଁଠାରେ ଏଜେନ୍ସୀ, ସେଣ୍ଟ୍ରାଲ୍ ଡାଟାବେସ୍ (CIDR)ରେ ଗଚ୍ଛିତ ରେକର୍ଡ ସହିତ ବାସିନ୍ଦାଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ସୂଚନା ତୁଳନା କରିପାରିବ | ଏହି ସେଣ୍ଟ୍ରାଲ୍ ଡାଟାବେସ୍ ଗୋଟିଏ କମ୍ପ୍ୟୁଟର୍ ରେ ଷ୍ଟୋର୍ କରାଯିବ, ଯାହାକୁ ସମସ୍ତ ସରକାରୀ ଓ ଘରୋଇ ଏଜେନ୍ସୀ, ଯେପରି ବ୍ୟାଙ୍କ୍ ସହିତ ସଂଯୁକ୍ତ କରାଯିବ |




ଉଦାହରଣସ୍ୱରୂପ, ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବା ସମୟରେ ଆଧାର ସଂଖ୍ୟା ବିଷୟରେ ପଚାରିପାରନ୍ତି ଏବଂ ଆବେଦକଙ୍କଠାରୁ ବାୟୋମେଟ୍ରିକ୍ ସୂଚନା କ୍ୟାପଚର୍ କରିପାରନ୍ତି ଓ କ୍ୟାପଚର୍ କରାଯାଇଥିବା ଡାଟାକୁ UIDAIକୁ ଯାଞ୍ଚ ପାଇଁ ପଠାଇପାରନ୍ତି | ବ୍ୟାଙ୍କ୍ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଭିତ୍ତିକରି UIDAI, CIDR ରେକର୍ଡ ଯାଞ୍ଚ କରିବ ଏବଂ ଯଦି ତଥ୍ୟ ମିଳିବ, ତେବେ UIDAI ହଁ (ଯଥାର୍ଥ) କିମ୍ବା ନାହିଁ (ଯଥାର୍ଥ ନୁହେଁ) ଉତ୍ତର ପ୍ରଦାନପୂର୍ବକ ଲୋକଟିକୁ ପ୍ରମାଣୀକୃତ କରିବ |

ପାଖ ଚିତ୍ରରେ, ରମେଶ ୱାଇ. ଓ କମଳ ଏସ୍. ଉଭୟେ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବାକୁ ଚାହୁଁଛନ୍ତି ଏବଂ ଉଭୟେ, ନିଜ ନିଜର ପରିଚୟ ଭାବରେ ସମାନ ଆଧାର ସଂଖ୍ୟା ପଠାଇଛନ୍ତି | UIDAIରୁ ସଂଖ୍ୟାର ପ୍ରମାଣୀକରଣ ପରେ ଏହା ଜଣାପଡ଼ିଥିଲା ଯେ, କମଳ ଏସ୍., ରମେଶ ୱାଇ.ଙ୍କର ଆଧାର ସଂଖ୍ୟାକୁ ନିଜର ସଂଖ୍ୟା ଭାବରେ ଦେଇ ପାସ୍ କରିବାକୁ ଚେଷ୍ଟା କରିଥିଲେ | ତେଣୁ, କମଳଙ୍କ ଅନୁରୋଧକୁ ବ୍ୟାଙ୍କ୍ ପ୍ରତ୍ୟାଖ୍ୟାନ କରିଦେବ |


**ଚିତ୍ର 6: ଯାଞ୍ଚ ପ୍ରକ୍ରିୟା**

- ସମଗ୍ର UIDAI ଇନଫ୍ରାଷ୍ଟ୍ରକଚର୍ ରେ ଯାନ୍ତ୍ରିକ କୌଶଳର ପ୍ରମୁଖ ଭୂମିକା ରହିଛି | ବାସିନ୍ଦାଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ ରହିଥିବା ଆଧାର ଡାଟାବେସ୍ କୁ ଗୋଟିଏ ସେଣ୍ଟ୍ରାଲ୍ କମ୍ପ୍ୟୁଟର୍ ରେ ଗଚ୍ଛିତ ରଖାଯିବ | ବାସିନ୍ଦାଙ୍କର ନାମାଙ୍କନ କମ୍ପ୍ୟୁଟରାଇଜ୍ଡ କରାଯିବ ଏବଂ ଏକ କମ୍ପ୍ୟୁଟର୍ ନେଟୱର୍କ ଦ୍ୱାରା ନାମାଙ୍କନ କେନ୍ଦ୍ର ଓ CIDR ମଧ୍ୟରେ ତଥ୍ୟ ଆଦାନ-ପ୍ରଦାନ କରାଯିବ | ସେବା ପ୍ରଦାନକାରୀଙ୍କ ଦ୍ୱାରା ବାସିନ୍ଦାଙ୍କ ପରିଚୟ ଯାଞ୍ଚ ଅନଲାଇନ୍ ରେ କରାଯିବ | ସୂଚନା ବା ତଥ୍ୟର ସୁରକ୍ଷା ପାଇଁ ମଧ୍ୟ UIDAI ପ୍ରଣାଳୀ ରଖିବ, ଯେଉଁଥିରୁ ଅନଧିକୃତ ବ୍ୟକ୍ତି ସେହି ସୂଚନା ଦେଖିବାକୁ ସମର୍ଥ ହୋଇପାରିବ ନାହିଁ |

# UIDAI ଇକୋ-ସିଷ୍ଟମ୍

"ଏକ ଇକୋ-ସିଷ୍ଟମ୍ ରେ ରହିଛି, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମସ୍ତ ଚଳ ଓ ଅଚଳ ଜିନିଷ ଏବଂ ସେଗୁଡ଼ିକର ପରସ୍ପର ସହିତ କାରବାର |"

ନିମ୍ନରେ UIDAI ଇକୋ-ସିଷ୍ଟମ୍ ର ଏକ ଚିତ୍ର ପ୍ରଦର୍ଶନ ଦିଆଯାଇଛି:




**ଚିତ୍ର 7: UIDAI ଇକୋ-ସିଷ୍ଟମ୍**

**UIDAI ଇକୋ-ସିଷ୍ଟମ୍ ରେ ବିଭିନ୍ନ ଅଂଶ ଓ ପରସ୍ପର ସହିତ ସେମାନଙ୍କର କାରବାର ରହିଛି | ଇକୋ-ସିଷ୍ଟମ୍ ରେ ମୁଖ୍ୟ ଅଂଶଗୁଡ଼ିକ ହେଉଛି:**

- **UIDAI:** ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅନୁଷ୍ଠାନ | UID ସିଷ୍ଟମ୍ ରେ ନାମାଙ୍କନ ପାଇଁ ବିଭିନ୍ନ ପ୍ରକ୍ରିୟା ରହିଥାଏ ଏବଂ ନାମ ଲେଖା ପାଇଁ ତାହାପରେ ଯାଞ୍ଚ ପ୍ରକ୍ରିୟା ପାଳନ ରହିଛି |
- **ପରିଚୟକର୍ତ୍ତା (ଇଣ୍ଟ୍ରୋଡ୍ୟୁସର୍):** ରେଜିଷ୍ଟ୍ରାର୍ ଙ୍କଠାରେ ପଞ୍ଜିକୃତ ହୋଇଥିବା ଜଣେ ବ୍ୟକ୍ତି ଏବଂ UIDAI ହେଉଛି ସିଏ, ଯିଏ ଜଣେ ପରିଚୟ ଓ ଠିକଣା ସମ୍ପର୍କିତ କୌଣସି ବୈଧ ଦସ୍ତାବିଜ ନଥିବା ବ୍ୟକ୍ତିର ପରିଚୟକୁ ସୁନିଶ୍ଚିତ କରିବ | ପରିଚୟକର୍ତ୍ତା, ଯାହାକୁ ଜାଣିଥିବେ, କେବଳ ତାହାର ହିଁ ପରିଚୟ ଓ ଠିକଣା ସୁନିଶ୍ଚିତ କରିବେ | ପରିଚୟକର୍ତ୍ତାଙ୍କ ଆଧାର ସଂଖ୍ୟା ଓ ବାୟୋମେଟ୍ରିକ୍ ବ୍ୟବହାର କରି ଏହି ସୁନିଶ୍ଚିତତା କରାଯିବ | ତେଣୁ, ପରିଚୟକର୍ତ୍ତାଙ୍କୁ ପ୍ରଥମେ ନିଜ ନାମ ଲେଖାଇ ଆଧାର ସଂଖ୍ୟା ପ୍ରାପ୍ତ କରିବାକୁ ହେବ |
- **ରେଜିଷ୍ଟ୍ରାର୍:** ଭାରତୀୟ ବାସିନ୍ଦାମାନଙ୍କର ନାମଲେଖା ଉଦ୍ଦେଶ୍ୟ ପାଇଁ UIDAI ଦ୍ୱାରା ଚିହ୍ନିତ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରର ଏଜେନ୍ସୀଗୁଡ଼ିକ ରେଜିଓଷ୍ଟ୍ରାର୍ ରେ ଅନ୍ତର୍ଭୁକ୍ତ ରହିପାରେ | ଉଦାହରଣସ୍ୱରୂପ, ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ, LIC ପରି ବୀମା କମ୍ପାନୀଗୁଡ଼ିକ, LPG ମାର୍କେଟିଙ୍ଗ୍ କମ୍ପାନୀ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY), ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (NREGA) ଆଦି |

- **ନାମାଙ୍କନ ଏଜେନ୍ସୀ:** ବାସିନ୍ଦାମାନଙ୍କର ନାମାଙ୍କନ ପାଇଁ ରେଜିଷ୍ଟ୍ରାର୍ ଙ୍କ ଦ୍ୱାରା ନିଯୁକ୍ତ ଏଜେନ୍ସୀ | ସେମାନେ ରେଜିଷ୍ଟ୍ରାର୍ ଙ୍କ ପାଇଁ କାମ କରିବେ ଏବଂ ରେଜିଷ୍ଟ୍ରାର୍ ଙ୍କ ପ୍ରତି ଉତ୍ତରଦାୟୀ ହେବେ |
- **ନାମାଙ୍କନ ଏଜେନ୍ସୀ ସୁପର୍ଭାଇଜର୍:** ସେମାନେ ନାମାଙ୍କନ କେନ୍ଦ୍ର ସ୍ଥାପନା କରି ପରିଚାଳନା କରିବେ ଏବଂ ସେଠାରେ ଉପୁଜିଥିବା ସମସ୍ୟାର ନିରାକରଣ କରିବେ |
- ନାମାଙ୍କନ **ଏଜେନ୍ସୀ ଅପରେଟର୍:** ସେମାନେ, ବାସିନ୍ଦାମାନଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ କ୍ୟାପଚର୍ କରିବେ | ସେମାନେ ହେଉଛନ୍ତି ସେହି ବ୍ୟକ୍ତି, ଯେଉଁମାନେ ସିଧା-ସଳଖ ବାସିନ୍ଦାମାନଙ୍କ ସହିତ କାରବାର (ଆଲୋଚନା) କରିବେ |
- **କ୍ୟାରିଅର୍:** ନାମାଙ୍କନ ଏଜେନ୍ସୀ, କୋରିଅର୍ କିମ୍ବା ଡାକ ସେବା ସହିତ ମେଣ୍ଟ କରିବେ, ଯାହାଙ୍କୁ 'କ୍ୟାରିଅର୍' ଭାବେ ଉଲ୍ଲେଖ କରାଯାଇଛି ଏବଂ ସେମାନେ ନାମାଙ୍କନ ଏଜେନ୍ସୀ ଓ CIDR ମଧ୍ୟରେ ବିତରଣ ଏଜେନ୍ସୀ ଭାବରେ କାର୍ଯ୍ୟ କରିବେ |
- ହାର୍ଡୱେର୍ **ଓ ସଫ୍ଟୱେର୍ ବିକ୍ରେତା:** ହାର୍ଡୱେର୍ ବିକ୍ରେତାମାନେ, ଯେପରି ଲାପଟପ୍, ଡେସ୍କଟପ୍, ପ୍ରିଣ୍ଟର୍, ବାୟୋମେଟ୍ରିକ୍ ଉପକରଣ ଆଦି ପରି ହାର୍ଡୱେର୍ ପ୍ରଦାନ କରିବେ | ସଫ୍ଟୱେର୍ ବିକ୍ରେତା, ଅପରେଟିଙ୍ଗ୍ ସିଷ୍ଟମ୍ (ୱିଣ୍ଡୋସ୍ XP, ଭିଷ୍ଟା, ୱିଣ୍ଡୋସ୍ 7), ଆପ୍ଲିକେଶନ୍ ସଫ୍ଟୱେର୍ ଆଦି ପରି ସଫ୍ଟୱେର୍ ପ୍ରଦାନ କରିବେ |
- **ତାଲିମ ବା ଟ୍ରେନିଙ୍ଗ୍ ଏଜେନ୍ସୀ:** ନାମାଙ୍କନ ଅପରେଟର୍, ସୁପର୍ଭାଇଜର୍, ଯାନ୍ତ୍ରିକ ସହାୟକ କର୍ମଚାରୀ ଆଦିଙ୍କ ପରି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଏହି ଏଜେନ୍ସୀ ତାଲିମ ପ୍ରଦାନ କରିଥାଏ |
- **ପରୀକ୍ଷଣ ଓ ପ୍ରମାଣୀକରଣ (ଟେଷ୍ଟିଙ୍ଗ୍ ଓ ସର୍ଟିଫିକେଶନ୍) ଏଜେନ୍ସୀ :** ଆଧାର ନାମାଙ୍କନ ପ୍ରଣାଳୀ (ଯେପରି ଜଣେ ନାମାଙ୍କନ ଅପରେଟର୍ ଭାବରେ) ମଧ୍ୟରେ ନିୟୋଜିତ ହେବା ପାଇଁ ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତିମାନଙ୍କର ନିର୍ଦ୍ଧାରଣ ଆୟୋଜିତ କରୁଥିବା ଏଜେନ୍ସୀ | ଏହା, କେବଳ ପ୍ରଶିକ୍ଷିତ ଓ ସୁଦକ୍ଷ ବ୍ୟକ୍ତିମାନଙ୍କର ନାମାଙ୍କନ ପ୍ରକ୍ରିୟା ପରିଚାଳିତ କରିବା ସୁନିଶ୍ଚିତ କରିଥାଏ |
- **କଣ୍ଟାକ୍ଟ ସେଣ୍ଟର୍:** UIDAI ଆପ୍ଲିକେଶନ୍ ସହିତ ସମ୍ପର୍କିତ ସମସ୍ୟାଗୁଡ଼ିକର ସେମାନେ ସମାଧାନ କରିଥା'ନ୍ତି | ସମସ୍ୟାର ପ୍ରକାର ବର୍ଣ୍ଣନା କରି ଜଣେ ହେଲ୍ପଲାଇନ୍ ନମ୍ବର୍ କୁ ଫୋନ୍ କରିପାରିବ କିମ୍ବା ସେମାନଙ୍କୁ ଇ-ମେଲ୍ କରିପାରିବ |
- **ପୋର୍ଟାଲ୍ ମେଣ୍ଟେନାନ୍ସ ଏଜେନ୍ସୀ:** ସେମାନେ ହେଉଛନ୍ତି ଏଜେନ୍ସୀ, ଯେଉଁମାନେ UIDAI ୱେବସାଇଟ୍ (http://www.uidai.gov.in)ର ରକ୍ଷଣା-ବେକ୍ଷଣ କରିଥା'ନ୍ତି |
- **ପ୍ରମାଣୀକରଣ (ଅଥେଣ୍ଟିକେଶନ୍) ୟୁଜର୍ ଏଜେନ୍ସୀ:** ଯେକୌଣସି ଅନୁଷ୍ଠାନ, ଯାହାକୁ ଜଣେ ଗ୍ରାହକ/ହିତାଧିକାରୀଙ୍କର ପରିଚୟ ପ୍ରମାଣିକୃତ କରିବାକୁ ହୋଇଥାଏ ଏବଂ ସେମାନଙ୍କର ସେବା ପ୍ରତି ସୁରକ୍ଷିତ ଆକ୍ସେସ୍ କରିବାକୁ ଅନୁମତି ଦେଇଥାଏ, ଯେପରି ବ୍ୟାଙ୍କ୍ – ସେମାନଙ୍କ ଗ୍ରାହକମାନଙ୍କ ପରିଚୟ ଯାଞ୍ଚ କରିବାକୁ ଓ ସେମାନଙ୍କର ସଞ୍ଚୟ ଖାତା ଆକ୍ସେସ୍ କରିବାକୁ ଅନୁମତି ଦେଇଥା'ନ୍ତି; NREGA – ନାମାଙ୍କିତ କର୍ମଚାରୀଙ୍କର ପରିଚୟ ଯାଞ୍ଚ କରିବାକୁ ଓ ସେମାନଙ୍କର ଦରମା ଖାତା ଆକ୍ସେସ୍ କରିବାକୁ ଅନୁମତି ଦେଇଥା'ନ୍ତି |

## ନୋଟ୍ : ଉପଯୋଗୀ ଶବ୍ଦ

UID ପ୍ରକ୍ରିୟା ବୁଝିବା ପାଇଁ ଏଠାରେ କିଛି ଶବ୍ଦ ଦିଆଗଲା, ଯାହାକୁ ଆପଣ ଜାଣିବା ନିହାତି ଦରକାର:

- **ଆଧାର ସଂଖ୍ୟା:** ହେଉଛି ଏକ 12 ଅଙ୍କ ବିଶିଷ୍ଟ ସଂଖ୍ୟା, ଯାହା ଭାରତରେ ବାସ ଓ ପରିଚୟର ପ୍ରମାଣ ଭାବରେ ସରକାରଙ୍କ ଦ୍ୱାରା ଜାରି କରାଯାଇଛି |
- **ସେଣ୍ଟ୍ରାଲ୍ ID ଡାଟା ରିପୋସିଟୋରୀ (CIDR):** UIDAI ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ କୋଷ | ଏହା ଆଧାର ସଂଖ୍ୟା ଜାରି କରେ, ବାସିନ୍ଦାମାନଙ୍କର ସୂଚନା ଅଦ୍ୟତନ କରେ ଏବଂ ଆବଶ୍ୟକାନୁସ୍ବାରେ ବାସିନ୍ଦାମାନଙ୍କର ପରିଚୟ ପ୍ରମାଣିକୃତ କରେ |
- **ନାମାଙ୍କନ:** ହେଉଛି ବାସିନ୍ଦାମାନଙ୍କର ତଥ୍ୟ (ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ ସମେତ) କ୍ୟାପଚର୍ କରିବାର ପ୍ରକ୍ରିୟା | **ଏହି** ନାମାଙ୍କନ, UIDAI ଦ୍ୱାରା ନିୟୋଜିତ ଗୋଟିଏ ରେଜିଷ୍ଟ୍ରାର୍ ଦ୍ୱାରା କରାଯାଇଥାଏ | ଏହି ରେଜିଷ୍ଟ୍ରାର୍, ଏକ ନାମାଙ୍କନ ଏଜେନ୍ସୀ ମାଧ୍ୟମରେ ନାମାଙ୍କନ କରାଇଥାଏ |
- **ନାମାଙ୍କନ କେନ୍ଦ୍ର:** ହେଉଛି ସେହି ସ୍ଥାନ, ଯେଉଁଠାରେ ନାମାଙ୍କନ କରାଯାଇଥାଏ | ପ୍ରତ୍ୟେକ ନାମାଙ୍କନ କେନ୍ଦ୍ରରେ ଆବଶ୍ୟକ ନାମାଙ୍କନ ସମ୍ଭବ କରିବା ପାଇଁ ସେଟ୍-ଅପ୍ ଥାଏ | ଗୋଟିଏ ନାମାଙ୍କନ କେନ୍ଦ୍ରରେ ଅନେକ ନାମାଙ୍କନ ଷ୍ଟେସନ୍ ଥାଇପାରେ |
- **ନାମାଙ୍କନ ଷ୍ଟେସନ୍:** ହେଉଛି ଏକ ସିଷ୍ଟମ୍, ଯେଉଁଠାରେ ବାସିନ୍ଦାଙ୍କର ଜନସାଂଖ୍ୟିକୀୟ ଓ ବାୟୋମେଟ୍ରିକ୍ ତଥ୍ୟ କ୍ୟାପଚର୍ କରାଯାଇଥାଏ | ନାମାଙ୍କନ ସେଟ୍-ଅପ୍ ରେ ରହିଥାଏ, ଗୋଟିଏ କମ୍ପ୍ୟୁଟର୍, ବାୟୋମେଟ୍ରିକ୍ ଡିଭାଇସ୍ ଓ ପ୍ରିଣ୍ଟର୍ ପରି ଅନ୍ୟ କେତେକ ଉପକରଣ |

## ପ୍ରଶ୍ନୋତ୍ତର

1. UIDAI ଇକୋ-ସିଷ୍ଟମ୍ ରେ "ଇଣ୍ଟ୍ରୋଡ୍ୟୁସର୍ ବା ପରିଚୟକର୍ତ୍ତା" ଶବ୍ଦର ଅର୍ଥ କ'ଣ?
2. ଜଣେ UIDAI ରେଜିଷ୍ଟ୍ରାର୍ କ'ଣ କରନ୍ତି?
3. ନାମାଙ୍କନ କ'ଣ?
4. ଜଣେ ନାମାଙ୍କନ ଏଜେନ୍ସୀ ସୁପର୍ଭାଇଜର୍ ଙ୍କର କାମ କ'ଣ?

## ସମସ୍ତଙ୍କ ପାଇଁ ଆଧାରର ଲାଭ

ବାସିନ୍ଦା, ରେଜିଷ୍ଟ୍ରାର୍, ନାମାଙ୍କନକର୍ତ୍ତା ଓ ଭାରତୀୟ ସରକାର ସମ୍ବନ୍ଧରେ ଲାଭଗୁଡ଼ିକ ନିମ୍ନାନୁସାରେ ହୋଇପାରେ:

- **ବାସିନ୍ଦା:** ପରିଚୟ ଯାଞ୍ଚର ଏକକ ଉତ୍ସ ଆଧାର ହେବ | ଥରେ ବାସିନ୍ଦା ନାମ ଲେଖାଇସାରିବା ପରେ, ସେମାନେ ସଂଖ୍ୟାକୁ ଅନେକ ଥର ବ୍ୟବହାର କରିପାରିବେ – ସେମାନେ ପ୍ରତ୍ୟେକ ଥର, ଏକ ବ୍ୟାଙ୍କ୍ ଆକାଉଣ୍ଟ୍, ପାସପୋର୍ଟ, ଡ୍ରାଇଭିଙ୍ଗ୍ ଲାଇସେନ୍ସ ଆଦି ସେବା ପ୍ରାପ୍ତ କରିବା ପାଇଁ ବାରମ୍ବାର ପରିଚୟ ସହାୟକ ଦସ୍ତାବିଜ ପ୍ରଦାନ କରିବା କଷ୍ଟରୁ ମୁକ୍ତି ପାଇବେ |

  ବିଶାଳ ସଂଖ୍ୟକ ବାସିନ୍ଦା, ଯେଉଁମାନଙ୍କର ବର୍ତ୍ତମାନ କୌଣସି ପରିଚୟ ଦସ୍ତାବିଜ ନାହିଁ, ଆଉ ଯେଉଁଥିପାଇଁ ହିତାଧିକାରୀ ତାଲିକାରୁ 'ବାଦ୍' ପଡ଼ିଯାଇଛନ୍ତି, ସେମାନେ ମଧ୍ୟ **'ଇଣ୍ଟ୍ରୋଡ୍ୟୁସର୍ ବା ପରିଚୟକର୍ତ୍ତା'** ପ୍ରଣାଳୀ ମାଧ୍ୟମରେ ଏକ **'ପରିଚୟ'** ପ୍ରାପ୍ତ କରିପାରିବେ | ଏହିପରି ଭାବେ **ଆଧାର** ସଂଖ୍ୟା (ବା UID) 'ସମସ୍ତ ଦୁଆର ପାଇଁ ଚାବି' ହୋଇଯିବ – ବିଶେଷକରି ଗରିବମାନଙ୍କ ପାଇଁ |

- **ରେଜିଷ୍ଟ୍ରାର୍ ଓ ନାମାଙ୍କନକର୍ତ୍ତା:** UIDAI, ବାସିନ୍ଦାମାନଙ୍କର ରେକର୍ଡ ଡି-ଡୁପ୍ଲିକେଶନ୍ କରିବା କରିବା ପରେ ହିଁ ସେମାନଙ୍କର ନାମାଙ୍କନ କରିବେ | ସେମାନଙ୍କର ଡାଟାବେସ୍ ରୁ ଡୁପ୍ଲିକେଟ୍ ଗୁଡ଼ିକୁ ସଫା କରିବାକୁ, ମହତ୍ତ୍ୱପୂର୍ଣ୍ଣ କ୍ଷମତାଗୁଡ଼ିକୁ ସକ୍ରିୟ କରିବାକୁ ଓ ଖର୍ଚ୍ଚାନ୍ତରୁ ରକ୍ଷା କରିବାକୁ ଏହା ରେଜିଷ୍ଟ୍ରାର୍ ଗୁଡ଼ିକୁ ସାହାଯ୍ୟ କରିବ | ଖର୍ଚ୍ଚ ଉପରେ ଧ୍ୟାନକେନ୍ଦ୍ରିତ କରିଥିବା ରେଜିଷ୍ଟ୍ରାର୍ ଗୁଡ଼ିକ ପାଇଁ, ସେମାନଙ୍କର ସେବା ପ୍ରାପ୍ତ କରିବାକୁ ଚାହୁଁଥିବା ଲୋକମାନଙ୍କର ଚିହ୍ନଟ ପାଇଁ UIDAIର ଯାଞ୍ଚ ପ୍ରକ୍ରିୟା କମ୍ ଖର୍ଚ୍ଚ ସୁନିଶ୍ଚିତ କରିବ | ସାମାଜିକ ଲକ୍ଷ୍ୟ ଉପରେ ଧ୍ୟାନକେନ୍ଦ୍ରିତ କରିଥିବା ରେଜିଷ୍ଟ୍ରାର୍ ଗୁଡ଼ିକ ପାଇଁ, ଏପର୍ଯ୍ୟନ୍ତ ପ୍ରମାଣୀତ କରିବାକୁ କଷ୍ଟକର ଥିବା ଗୋଷ୍ଠୀଗୁଡ଼ିକ ମଧ୍ୟରେ ସେମାନଙ୍କର ପ୍ରବେଶକୁ ବିସ୍ତାରିତ କରିବାକୁ ଏକ ବିଶ୍ୱସ୍ତ ଚିହ୍ନଟ ବା ପରିଚୟ ସଂଖ୍ୟା ସମର୍ଥ କରିବ | ଆଧାର ପ୍ରଦାନ କରୁଥିବା ଦୃଢ଼ ପ୍ରମାଣୀକରଣ ଉତ୍ତମ ବାସିନ୍ଦା ସନ୍ତୁଷ୍ଟୀକରଣ ଦିଗରେ ସେବା ଉନ୍ନତ କରିବ |

- **ସରକାର:** ସରକାରୀ ରାଜକୋଷ ପାଇଁ ଅଧିକ ଅର୍ଥ ସଞ୍ଚୟ କରିବା ପାଇଁ ବିଭିନ୍ନ ଯୋଜନା ଅନ୍ତର୍ଗତ ଡୁପ୍ଲିକେଶନ୍ ଦୂରୀକରଣ ଆଶା କରାଯାଏ | ଏହା ମଧ୍ୟ ସରକାରଙ୍କୁ ବାସିନ୍ଦାଙ୍କ ଉପରେ ସଠିକ୍ ତଥ୍ୟ ପ୍ରଦାନ କରି ପ୍ରତ୍ୟକ୍ଷ ଲାଭଜନକ କାର୍ଯ୍ୟକ୍ରମର ପ୍ରୟୋଗ କରିବାରେ ଏବଂ ନିବେଶ ସମନ୍ୱୟ ପାଇଁ ଓ ସୂଚନା ବାଣ୍ଟିବା ନିମନ୍ତେ ସରକାରୀ ବିଭାଗଗୁଡ଼ିକୁ ସମର୍ଥ କରିଥାଏ |

### ନୋଟ୍: NREGA ଯୋଜନା

ବିଭିନ୍ନ ସାମାଜିକ ଯୋଜନାଗୁଡ଼ିକରେ ଭାରତୀୟ ସରକାର, ଅର୍ଥର ବର୍ଦ୍ଧିତ ବିତରଣ ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି ଏବଂ ସମାଜର ଗରିବ ଓ ଉପେକ୍ଷିତ ବର୍ଗକୁ, ଦେଶର ଆର୍ଥିକ ବୃଦ୍ଧିରେ ସେମାନଙ୍କୁ ହିତଧାରକ କରିବା ଆଶାରେ ଲକ୍ଷିତ କରି ନୂଆ ପରିଯୋଜନାମାନ ଆରମ୍ଭ କରିଛନ୍ତି |


ମୁଖ୍ୟ NREGA ଯୋଜନାର ଉଦାହରଣ ନିଅନ୍ତୁ | ଗବେଷଣାରୁ ଏହା ଜଣାପଡ଼ିଛି ଯେ, ଯୋଜନାରେ ଅନେକ ମାତ୍ରାରେ "ତ୍ରୁଟି" ରହିଛି ଏବଂ ଲକ୍ଷିତ ଗୋଷ୍ଠୀ ନିକଟରେ ଲାଭଗୁଡ଼ିକ ପହଞ୍ଚୁନାହିଁ | କିଛି ବିଶ୍ଳେଷଣ ଦର୍ଶାଇଛି ଯେ, ପ୍ରକୃତରେ ଖର୍ଚ୍ଚ ହୋଇଥିବା 5840 କୋଟି ଟଙ୍କା ମଜୁରୀ ତୁଳନାରେ 2007 ଆର୍ଥିକ ବର୍ଷରେ NREGAର ସମୁଦାୟ ମଜୁରୀର କେବଳମାତ୍ର 1270 କୋଟି ଟଙ୍କା ଗରିବମାନଙ୍କ ଦ୍ୱାରା ଗ୍ରହଣ କରାଯାଇଛି | 2006-07ରେ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସରକାର 8823 କୋଟି ଟଙ୍କା ଖର୍ଚ୍ଚ କରିଥିଲେ (2009-10ରେ 39000 କୋଟି ଟଙ୍କା) ଏବଂ ଲକ୍ଷିତ ଦର୍ଶକ ପାଇଁ ପ୍ରକୃତରେ କେବଳ 14.7% (1270 କୋଟି) ବିତରଣ କରିବାରେ ସକ୍ଷମ ହୋଇଥିଲେ |

## ପ୍ରଚାର-ପ୍ରସାର – ସଚେତନତା ଓ ଯୋଗାଯୋଗ ଗଠନ

ଭାରତର ପ୍ରତ୍ୟେକ ବାସିନ୍ଦାଙ୍କୁ ଆଧାର ଲାଭ ପ୍ରଦାନ କରିବ | ଭାରତର ପ୍ରତ୍ୟେକ କୋଣ-ଅନୁକୋଣକୁ ଏହି ବାର୍ତ୍ତା ନିଶ୍ଚିତ ପଠାଯିବା ଦରକାର, ଯେଉଁଥିରୁ ପ୍ରତ୍ୟେକ ବାସିନ୍ଦା ଆଧାର ଓ ତାହାର ଲାଭଗୁଡ଼ିକ ବିଷୟରେ ଜାଣିପାରିବେ | ଆଧାର ବିଷୟରେ ଗଣ ଯୋଗାଯୋଗର ଲକ୍ଷ୍ୟ ନିମ୍ନରେ ପ୍ରଦାନ କରାଗଲା:

- **ସମ୍ପୂର୍ଣ୍ଣ** କଭରେଜ୍: ପ୍ରତ୍ୟେକ ଭାରତୀୟ ବାସିନ୍ଦାଙ୍କ ନିକଟରେ ଯୋଗାଯୋଗ ପହଞ୍ଚିବାର ସୁନିଶ୍ଚିତ କରେ
- **ଆଧାରକୁ ବୁଝିବା:** ଆଧାର କ'ଣ, ଏହା କ'ଣ ଲାଭମାନ ଦେଇପାରେ ଓ ଆଗକୁ ଏହା କିପରି ବ୍ୟବହୃତ କରାଯିବ, ତାହା ସମସ୍ତ ବାସିନ୍ଦା ବୁଝିବା ଏହା ସୁନିଶ୍ଚିତ କରିଥାଏ |
- **ଆଧାର ପ୍ରକ୍ରିୟାକୁ ବୁଝିବା:** ବାସିନ୍ଦାମାନେ ଆଧାର ନାମାଙ୍କନ ପ୍ରକ୍ରିୟାକୁ ବୁଝିବା, କିପରି ଓ କେବେ ସେମାନେ ନିଜର ଆଧାର ପାଇବେ ଏବଂ ଅଭିଯୋଗ ସମାଧାନ କୌଶଳ ସହିତ ପରିଚିତ ହେବାକୁ ସୁନିଶ୍ଚିତ କରିଥାଏ |
- **ବୁଝିବାକୁ ସମାନ କରିବା:** ଉପରୋକ୍ତ ବିଷୟକୁ ସମସ୍ତ ବାସିନ୍ଦାମାନଙ୍କ ମଧ୍ୟରେ ସମାନ ଓ ନିରନ୍ତର ଭାବରେ ବୁଝିବାକୁ ସୁନିଶ୍ଚିତ କରିଥାଏ
- **ନାମାଙ୍କନ ପାଇଁ ଲୋକମାନଙ୍କୁ ସଂଗଠିତ କରିବା:** ଅଂଶଗ୍ରହଣ କରି ଏକ ଆଧାର ସଂଖ୍ୟା ପ୍ରାପ୍ତ କରିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରିବା
- **ପରିଚୟକର୍ତ୍ତାଙ୍କ ନାମାଙ୍କନ ଓ ସଂଗଠିତ କରିବା:** ଅନ୍ତର୍ଭୁକ୍ତୀକରଣର ମହତ୍ୱପୂର୍ଣ୍ଣ ସମର୍ଥକ ହେଉଛନ୍ତି ପରିଚୟକର୍ତ୍ତା ବା **ଇଣ୍ଟ୍ରୋଡ୍ୟୁସର୍** ଏବଂ ସେମାନଙ୍କୁ ସଚେତନ କରାଯିବା ସହ ଏହି ପ୍ରକ୍ରିୟାରେ ନାମାଙ୍କିତ କରାଯିବା ଦରକାର

ନିମ୍ନ ଚିତ୍ରରେ ଆଧାର ଯୋଗାଯୋଗ ପ୍ରକ୍ରିୟାରେ ପଦାଙ୍କଗୁଡ଼ିକ ପ୍ରଦର୍ଶିତ ହୋଇଛି |




**ଚିତ୍ର 8: ଆଧାର ଯୋଗାଯୋଗ ପ୍ରକ୍ରିୟାରେ ପଦକ୍ଷେପଗୁଡ଼ିକ**

UIDAI ପାଇଁ ସାମଗ୍ରିକ ଯୋଗାଯୋଗ ଓ ପ୍ରଚାର ରଣନୀତିରେ ଉପରୋକ୍ତ ପ୍ରଦର୍ଶିତ ବହୁବିଧ ସ୍ତର ଅନ୍ତର୍ଭୁକ୍ତ ଅଛି | ପ୍ରତ୍ୟେକ ସ୍ତରରେ ବିଭିନ୍ନ ଉଦ୍ଦେଶ୍ୟ ରହିଛି | ନାମାଙ୍କନ ପ୍ରକ୍ରିୟା ପର୍ଯ୍ୟାୟରେ ଯୋଗାଯୋଗ ଓ ପ୍ରଚାର ପାଇଁ ନାମାଙ୍କନ ଏଜେନ୍ସୀ ଦାୟୀ ହୋଇପାରେ |

**ପଦାଙ୍କ 1: ଗଣ ସଚେତନତା**

**ଉଦ୍ଦେଶ୍ୟ:** ସମସ୍ତ ବାସିନ୍ଦାମାନଙ୍କୁ ଟାର୍ଗେଟ୍ କରିବା ପାଇଁ ଗଣ ସଚେତନତାର ପରମ୍ପରାଗତ ଚାନେଲ୍ ବ୍ୟବହାର କରିବା

**ଯୋଜନା:** ଯଦିଓ ଜିଲ୍ଲା ସ୍ତରୀୟ କଭରେଜ୍ ପ୍ଲାନ୍ କୁ ଭିତ୍ତିକରି ତାରିଖ ଭିନ୍ନ ହୋଇପାରେ, ପ୍ରକୃତ ନାମାଙ୍କନ ଆରମ୍ଭ ହେବାର ପ୍ରାୟ 30 ଦିନ ପୂର୍ବରୁ ଏହି କାର୍ଯ୍ୟକଳାପ ଆରମ୍ଭ କରାଯାଇପାରେ | ଅବଶ୍ୟ, ଏପରି କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ଥାଇପାରେ, ଯେଉଁଠାରେ ଗଣ ସଚେତନତାର ଆବଶ୍ୟକ ନଥିବ | ନିମ୍ନରେ କେତେକ ଅଞ୍ଚଳ ବିଷୟରେ ସୂଚନା ଦିଆଯାଇଛି:

a. ନାମାଙ୍କନ ପାଇଁ ଚିହ୍ନିତ ଲକ୍ଷ୍ୟ ବହୁତ ନିର୍ଦ୍ଦିଷ୍ଟ ଅଟେ ଏବଂ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ସମଗ୍ର ଜନସଂଖ୍ୟାକୁ କଭର୍ କରେନାହିଁ | ଅଧିକନ୍ତୁ, ବଳକା ବାସିନ୍ଦାମାନଙ୍କୁ ଯଦି ନିକଟ ଭବିଷ୍ୟତରେ କଭର୍ କରାଯିବାର ସମ୍ଭାବନା ନଥିବ, ତେବେ ଜନ ସଚେତନତାର ଆବଶ୍ୟକତା ନାହିଁ |
b. କଭର୍ ହେବାକୁ ଥିବା ସ୍ଥାନ ବହୁତ ଛୋଟ ଓ ବିଚ୍ଛୁରିତ ହୋଇଥିବ | ଏପରି ଅଞ୍ଚଳଗୁଡ଼ିକରେ, ସ୍ଥାନୀୟ ରେଡିଓ କିମ୍ବା ଖବରକାଗଜ ମାଧ୍ୟମରେ ସୀମିତ ସଚେତନତା ଯଥେଷ୍ଟ |

**ଚାନେଲ୍:** ଟିଭି, ରେଡିଓ, ଖବରକାରଜ, ଇଣ୍ଟର୍ନେଟ୍ ଓ ଟେଲିକମ୍ (ପରବର୍ତ୍ତୀ ବିଭାଗରେ ବିବରଣୀ)

**ଭୂମିକା:** DAVP ଓ ଅନ୍ୟ ରାଷ୍ଟ୍ରୀୟ ଏଜେନ୍ସୀଗୁଡ଼ିକର ସହାୟତା ସହିତ UIDAI, ପ୍ରକରଣର ବିକାଶ ଓ କାର୍ଯ୍ୟକାରୀ କରିବ

**ପଦାଙ୍କ 2: ପରିଚୟକର୍ତ୍ତା ଓ ରେଜିଷ୍ଟ୍ରାର୍ କର୍ମକର୍ତ୍ତାମାନଙ୍କ ପାଇଁ ନାମାଙ୍କନ ଓ IEC**

**ଉଦ୍ଦେଶ୍ୟ:** ଅଞ୍ଚଳରେ ପରିଚୟକର୍ତ୍ତା, ରେଜିଷ୍ଟ୍ରାର୍ କର୍ମକର୍ତ୍ତା ଓ ଯେକୌଣସି ଅନ୍ୟ ବିଶ୍ୱସ୍ତ ବ୍ୟକ୍ତିବିଶେଷଙ୍କର ନାମାଙ୍କନ ଓ ଶିକ୍ଷା

**ଯୋଜନା:** ବିଶେଷଭାବରେ ଏହି କାର୍ଯ୍ୟ, ନାମାଙ୍କନର 45 ଦିନ ପୂର୍ବରୁ ଆରମ୍ଭ ହେବା ଉଚିତ ଓ ନିମ୍ନଲିଖିତକୁ ଅନ୍ତର୍ଭୁକ୍ତ କରିବା କଥା

- ଆଧାର ବିଷୟରେ ନାମାଙ୍କନ ଓ ଶିକ୍ଷା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରି ପ୍ରାସଙ୍ଗିକ ସରକାରୀ ଅଧିକାରୀଙ୍କଠାରୁ ଏକ ପତ୍ର
- ସୂଚନାର ପ୍ରସାରଣ ଗୋଟିଏ ଘଣ୍ଟା ନେବାର ସମ୍ଭାବନା ଅଛି ଏବଂ ପର୍ଯ୍ୟାପ୍ତ ବନ୍ଦୋବସ୍ତ ସହିତ ଏକ **କେନ୍ଦ୍ରୀକୃତ ତାଲୁକସ୍ତରୀୟ ସ୍ଥାନ**ରେ ଯୋଜନା କରାଯାଇପାରେ | ଗୋଟିଏ ବ୍ୟାଚ୍ ରେ ରେଜିଷ୍ଟ୍ରାର୍ ଅଧିକାରୀ, ନାମାଙ୍କନ ଅପରେଟର୍ ଓ ପରିଚୟକର୍ତ୍ତା ବା ଇଣ୍ଟ୍ରୋଡ୍ୟୁସର୍ ଙ୍କୁ ଏକାଠି ତାଲିମ ଦିଆଯାଇପାରିବ |
- ଏକ କ୍ୱରମ୍ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଗ୍ରାମଗୁଡ଼ିକୁ ଏକତ୍ର କରାଯିବା ଉଚିତ

ଯଦି ରେଜିଷ୍ଟ୍ରାରମାନେ କେବଳ ବିଦ୍ୟମାନ ଡାଟାବେସ୍ ମାଧ୍ୟମରେ ବାସିନ୍ଦାମାନଙ୍କର ନାମାଙ୍କନ କରୁଛନ୍ତି, ଏହି ସ୍ତରରେ ପରିଚୟକର୍ତ୍ତା ଯୋଗାଯୋଗର ଆବଶ୍ୟକତା ନପଡ଼ିପାରେ | ଅବଶ୍ୟ, ପ୍ରଭାବକାରୀଙ୍କର ଚିହ୍ନଟ ଓ ନିୟୋଜନ ତଥାପି ଦରକାର ହୋଇପାରେ |

**ଚାନେଲ୍:** ପାରସ୍ପରିକ ଯୋଗାଯୋଗ (ଅଡିଓ, ଭିଡିଓ, ତାଲିମ୍ IVR) – ପରବର୍ତ୍ତୀ ବିଭାଗରେ ବିବରଣୀ

**ଭୂମିକା:** UIDAIର ସହାୟତାରେ ସ୍ଥାନୀୟ ସରକାରୀ ଅଧିକାରୀମାନଙ୍କ ସହିତ ରେଜିଷ୍ଟ୍ରାର୍

**ପଦାଙ୍କ 3.1: ପ୍ରାକ୍ ନାମାଙ୍କନ ସଚେତନତା**

**ଉଦ୍ଦେଶ୍ୟ:** ପ୍ରାକ୍ ନାମାଙ୍କନ ଓ ନାମାଙ୍କନ ସଚେତନତା ସୃଷ୍ଟି, ସଂଗଠନ କରିବାରେ ବହୁତ ପ୍ରଭାବଶାଳୀ ଅଟେ | ଏହି ପର୍ଯ୍ୟାୟ ବାସିନ୍ଦାମାନଙ୍କୁ କେଉଁଠାରେ, କେତେବେଳେ ଓ କିପରି ନାମାଙ୍କନ କରିବେ ତାହା ଉପରେ ସୂଚନା ପ୍ରାପ୍ତତାକୁ ସୁନିଶ୍ଚିତ କରିଥାଏ |

**ଯୋଜନା:** ପ୍ରକୃତ ନାମାଙ୍କନ ଆରମ୍ଭ ହେବାର ପ୍ରାୟ 7 ଦିନ ପୂର୍ବରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇପାରେ | ଏହା ହେଉଛି ସେହି ସ୍ତର, ଯେତେବେଳେ ସମସ୍ତ ଯୋଗାଯୋଗ ଚାନେଲ୍ ଅଧିକ ସକ୍ରିୟ ହୋଇଥିବ | ତେଣୁ, ଏହି ପର୍ଯ୍ୟାୟ ପାଇଁ ଅଧିକାଂଶ ମିଡିଆ ଓ ସକ୍ରିୟତା ଯୋଜନା ତ୍ୱରାନ୍ୱିତ ହେବା ଦରକାର | ଚାନେଲ୍ ଗୁଡ଼ିକରେ ରହିବ ଆଉଟ୍-ଡୋର୍ ମିଡିଆ, ଯେପରି ବ୍ୟାନର୍, ପୋଷ୍ଟର୍, ହୋର୍ଡିଙ୍ଗ୍, ୱାଲ୍ ପେଣ୍ଟିଙ୍ଗ୍, ଷ୍ଟଲ୍, ଗୀତ ଓ ନାଟକ ଆଦି |

**ଭୂମିକା:** ସ୍ଥାନୀୟ/ଜିଲ୍ଲାସ୍ତରୀୟ ଅଭିଯାନ ପାଇଁ ସମସ୍ତ ଆବଶ୍ୟକ ଅନୁମତି ଓ ମୌଳିକ ଆବଶ୍ୟକତାର ଉପଲବ୍ଧତାକୁ ପୂର୍ବରୁ ସୁନିଶ୍ଚିତ କରିବାରେ ସ୍ଥାନୀୟ ଓ ରାଜ୍ୟ ସରକାରୀ କର୍ମକର୍ତ୍ତାଙ୍କ ସହିତ ରେଜିଷ୍ଟ୍ରାର୍ ସମନ୍ୱୟ କରିବା ଦରକାର |

**ପଦାଙ୍କ 3.2: ନାମାଙ୍କନ ସଚେତନତା**

**ଉଦ୍ଦେଶ୍ୟ:** ଏଠାରେ କାର୍ଯ୍ୟ, ନାମାଙ୍କନ ଦିବସରେ ମୁଖ୍ୟତଃ ନାମାଙ୍କନ ବୁଥ୍ ଚାରିପଟେ କେନ୍ଦ୍ରିତ ହେବ |

**ଯୋଜନା:** ଚାନେଲ୍ ରେ ମିଡିଆ ଅନ୍ତର୍ଭୁକ୍ତ ରହିବ, ଯେପରି ବ୍ୟାନର୍, ପୋଷ୍ଟର୍, ଫାମ୍ପଲେଟ୍, ଷ୍ଟାଣ୍ଡୀ, ଷ୍ଟଲ୍, ଭ୍ୟାନ୍, ଭିଡିଓ ଆଦି (ପରବର୍ତ୍ତୀ ବିଭାଗରେ ବିବରଣୀ)

**ଭୂମିକା:** ସ୍ଥାନୀୟ DAVP, DFP (କ୍ଷେତ୍ର ପ୍ରଚାର ବିଭାଗ), ଗୀତ ଓ ନାଟକ ବିଭାଗ ଏବଂ ଅନ୍ୟ ପ୍ରାସଙ୍ଗିକ ଏଜେନ୍ସୀ ସହିତ ରେଜିଷ୍ଟ୍ରାର୍

**ପଦାଙ୍କ 4: ଆଧାରର ଆବେଦନ**

ଏହା ହେଉଛି ନାମାଙ୍କନ ପରବର୍ତ୍ତୀ ପର୍ଯ୍ୟାୟ, ଯେତେବେଳେ ଉପଭୋକ୍ତାମାନେ ପ୍ରକୃତରେ ଆଧାର ବ୍ୟବହାର କରିବା ଆରମ୍ଭ କରିବେ ଏବଂ ଏଥିରୁ ପ୍ରାପ୍ତ ସମସ୍ତ ଲାଭ ଅନୁଭବ କରିବେ | ଏଠାରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରମାଣୀକରଣ ପାଇଁ କିପରି ଆଧାର ବ୍ୟବହାର କରାଯିବ ଉପଭୋକ୍ତା ବୁଝିବାକୁ ଏବଂ ଏଥିରୁ ସେମାନେ ସକରାତ୍ମକ ଅନୁଭବ ପ୍ରାପ୍ତତାକୁ ସୁନିଶ୍ଚିତ କରିବା |

**କିପରି ସଚେତନତା ପ୍ରଚାର କରାଯିବ?**

ସଚେତନତା ପ୍ରଚାର, ବହୁବିଧ ଯୋଗାଯୋଗ ଚାନେଲ୍ ର ବ୍ୟବହାର ଆବଶ୍ୟକ କରିଥାଏ | କେତେକ ପଦ୍ଧତି ହୋଇପାରେ:

a. **ପ୍ରସାର: ପରମ୍ପରାଗତ** ଓ ନୂତନ ଗଣମାଧ୍ୟମ
b. **ସୂଚନା:** ପ୍ରସାର ମାଧ୍ୟମ ମଧ୍ୟରେ ଓ ଊର୍ଦ୍ଧ୍ୱରୁ ସୂଚନା ସ୍ରୋତ
c. **ଆଉଟ୍-ଡୋର୍: ସମସ୍ତ** ଆଉଟ୍-ଡୋର୍ ଟଚ୍ ପଏଣ୍ଟ୍ ରେ ସ୍ଥାନୀୟ କାର୍ଯ୍ୟକଳାପ
d. **ମନୋରଞ୍ଜନ:** ଫିଲ୍ମ, ଥିଏଟର୍, ଗୀତ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ମନୋରଞ୍ଜନ ସ୍ଥାନ
e. **ପାରସ୍ପରିକ:** ଜଣ-ଜଣ କରି କିମ୍ବା ଗୋଷ୍ଠୀ ଆଲୋଚନା
f. **UIDAI ସହାୟକ** ଇନଫ୍ରାଷ୍ଟ୍ରକଚର୍**: ଇନଫ୍ରାଷ୍ଟ୍ରକଚର୍ ରେ** ରେଜିଷ୍ଟ୍ରାର୍ ଓ ନାମାଙ୍କନ ଏଜେନ୍ସୀ

UIDAI ସଚେତନତା ଓ ଯୋଗାଯୋଗ ଦଳ ଦ୍ୱାରା ପ୍ରଶିକ୍ଷିତ ମ୍ୟାନିଙ୍ଗ୍ କର୍ମୀ, ଚିତ୍ରକାରୀ, ସାମଗ୍ରୀ ଓ ଡିଜାଇନ୍ ଟେମ୍ପଲେଟ୍ ପ୍ରଦାନ କରାଯାଇପାରେ | **ସ୍ଥାନୀୟ ଭାବରେ ବିକଶିତ ଯେକୌଣସି ବିଷୟବସ୍ତୁକୁ UIDAIର ଅନୁମୋଦନ ଦରକାର |**

## ସଂକେତାକ୍ଷର / ପ୍ରଥମାକ୍ଷର

| ଶବ୍ଦ | ପରିଭାଷା |
|---|---|
| BPL | ଦାରିଦ୍ର୍ୟ ସୀମାରେଖା ତଳେ |
| CIDR | କେନ୍ଦ୍ରୀୟ ପରିଚୟ ତଥ୍ୟ ଭଣ୍ଡାର |
| EGoM | ସଶକ୍ତ ମନ୍ତ୍ରୀ ଦଳ |
| LIC | ଜୀବନ ବୀମା ନିଗମ |
| PDS | ସାର୍ବଜନୀନ ବିତରଣ ପ୍ରଣାଳୀ |
| NPR | ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟର୍ |
| NREGA | ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ |
| UID | ବିଶିଷ୍ଟ ପରିଚୟ |
| UIDAI | ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ |